




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com







ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
**ବନ୍ଧୁ ମହାନ୍ତି**
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-



ବାଲେଶ୍ୱର ■ ଶୁକ୍ରବାର, ୧୫ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 15 APRIL 2022
Vol.No. 33 ■ No. 98 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


## ମହାନଦୀରେ ବୁଡ଼ି ଦୁଇ ଯୁବକ ମୃତ

କଟକ, ୧୪/୦୪ (ନି.ପ୍ର): ନୂଆ ବର୍ଷ ପାଇଁ ସାରା ରାଜ୍ୟ ଉତ୍ସବମୁଖର ଥିବା ବେଳେ ପାରାଦୀପରୁ ଆସିଲା ଦୁଃଖଦ ଖବର । ମହାନଦୀରେ ଗାଧୋଇବା ହେଲା କାଳ । ମହାନଦୀରେ ବୁଡ଼ି ୨ଯୁବକ ମୃତ । ପାରାଦୀପ ମହାନଦୀରେ ଗାଧେଇବାକୁ ଯାଇ ୨ଯୁବକ ମୃତ । ମୃତ ଦୁଇ ଯୁବକ ହେଲେ କୁଜଙ୍ଗ ପଥୁରିଆ ଗାଁର ଯୁବକ । ସୂଚନା ଅନୁଯାୟୀ, ଗାଧୋଇବାକୁ ଯାଇଥିବା ବେଳେ ପ୍ରଖୋର ଶ୍ରୋତରେ ଭାସିଯାଇଥିଲେ ଦୁଇ ଯୁବକ । ସ୍ଥାନୀୟ ଲୋକ ଯୁଇ ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ । କିନ୍ତୁ ସେତେବେଳକୁ ଦୁଇ ଯୁବକଙ୍କ ମୃତ୍ୟୁ ହୋଇସାରିଥିଲା । ମୃତ ଯୁବକଙ୍କ ପରିବାରରେ ବର୍ତ୍ତମାନ ଶୋକର ଛାୟା । ତେବେ ନିକଟ ଯୋବ୍ରାରେ ବୁଡ଼ି ୩ଛାତ୍ରଙ୍କ ମୃତ୍ୟୁ ହୋଇଥିଲା ।

## ଓଡ଼ିଆ ନବ ବର୍ଷରେ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ

୧୪/୦୪ (ନି.ପ୍ର): ଓଡ଼ିଆ ନବ ବର୍ଷ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ଓଡ଼ିଆ ନବ ବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତିର ଅଭିନନ୍ଦନ । ନୂଆ ବର୍ଷ ଆନନ୍ଦରେ ପରିପୂର୍ଣ ହେଉ । ଆମ ସମାଜରେ ଭାଇଚାରାର ସମ୍ପର୍କ ମଜବୁତ ହେଉ ଓ ସମସ୍ତେ ଉତ୍ତମ ସ୍ୱାସ୍ଥ୍ୟରେ ରହନ୍ତୁ, ଏହା ହିଁ କାମନା ।

### ୟୁକ୍ରେନ-ରୁଷିଆ ଯୁଦ୍ଧରେ ୟୁକ୍ରେନକୁ ବଡ ସଫଳତା

# ରୁଷିଆର ଯୁଦ୍ଧ ଜାହାଜକୁ ଧ୍ୱଂସ କରିଥିବା ୟୁକ୍ରେନର ଦାବି



ନୂଆଦିଲ୍ଲୀ, ୧୪/୦୪ : ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ୫୦ ଦିନରେ ପହଞ୍ଚିଛି । ଏହାରି ଭିତରେ ରୁଷକୁ ଲାଗିଛି ବଡ ଝଟକା । ବ୍ଲାକ ସିରେ ରୁଷିଆର ଯୁଦ୍ଧ ପୋତ ଉଡ଼ାଇଦେଇଛି ୟୁକ୍ରେନ୍ । ଲଢେଇ ଭିତରେ ରୁଷିଆକୁ ବଡ କ୍ଷତି ପହଞ୍ଚାଇଥିବା ଦାବି କରିଛି ୟୁକ୍ରେନ । ବ୍ଲାକ ସିରେ ରୁଷିଆର ବଡ ଯୁଦ୍ଧଜାହାଜରେ ୟୁକ୍ରେନ ସେନା ମିଜାଇଲ ମାଡ କରି ଏହାକୁ ଧ୍ୱଂସ କରିଦିଆଯାଇଥିବା କହିଛି । ଯାହାଫଳରେ ଯୁଦ୍ଧଜାହାଜ 'ମୋସ୍କଭା' ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଓଡ଼େଶାର ଗଭର୍ଣ୍ଣର ମେକ୍ସିକୋ ମାର୍ଚୋଙ୍କୋ କହିଛନ୍ତି, ବ୍ଲାକ ସିରେ ବୁଧବାର ଦିନ ୟୁକ୍ରେନ ସେନା ମିଜାଇଲ ମାଡ କରି ରୁଷିଆର ଯୁଦ୍ଧ ଜାହାଜ 'ମସ୍କୋଭା'କୁ ଧ୍ୱଂସ କରିଦେଇଛି । ବ୍ଲାକ ସିକୁ ସୁରକ୍ଷା ଯୋଗାଉଥିବା ନ୍ୟାପଚ୍ୟୁନ ମଜାଇଲ ଏହି ଯୁଦ୍ଧ ଜାହାଜକୁ ବଡ଼ କ୍ଷତି ପହଞ୍ଚାଇଛି । ଅପରପକ୍ଷରେ ରୁଷିଆର ପ୍ରତିରକ୍ଷା ମନ୍ତ୍ରାଳୟ ମଧ୍ୟ ଯୁଦ୍ଧ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା ଘଟଣାକୁ ସ୍ୱୀକାର କରିଛି । ଯୁଦ୍ଧ ଜାହାଜରେ ନିଆଁ ଲାଗି ବିସ୍ଫୋରଣ ଘଟିଥିବା ଜଣାପଡିଛି । ରୁଷ ପ୍ରତିରକ୍ଷା ମନ୍ତ୍ରାଳୟ କହିଛି, ଯୁଦ୍ଧ ଜାହାଜ କ୍ଷତିଗ୍ରସ୍ତ ହୋଇଛି କିନ୍ତୁ ଯୁଦ୍ଧ ଜାହାଜରେ ଥିବା ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ନିଆଁ ଲାଗିବାରୁ ଗୋଳାବାରୁଦ ବିସ୍ଫୋରଣ ଯୋଗୁଁ କ୍ଷୟକ୍ଷତି ହୋଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲଦୋମିର ଜେଲେନସ୍କିଙ୍କ ପରାମର୍ଶଦାତା ଓଲେସ୍କି ଅରେସ୍ତୋଭିଚ କହିଛନ୍ତି, ରୁଷିଆର ଯୁଦ୍ଧ ଜାହାଜକୁ ୟୁକ୍ରେନ ଧ୍ୱଂସ କରିବା ରୁଷିଆ ପାଇଁ ଏକ ବଡ କଥା । ରୁଷୀୟ ପ୍ରତିରକ୍ଷା ମନ୍ତ୍ରାଳୟର ବୟାନକୁ ଆଧାର କରି ଅର୍ନ୍ତଜାତୀୟ ଗଣମାଧ୍ୟମରେ ରିପୋର୍ଟ ▶▶ପୃଷ୍ଠା ୭

# ଇମ୍ରାନ ଖାନଙ୍କ ବିରୋଧରେ ଆସିବ କି ଦେଶଦ୍ରୋହ ମାମଲା ?



ନୂଆଦିଲ୍ଲୀ, ୧୪/୦୪ : ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆସିପାରେ ରାଷ୍ଟ୍ରଦ୍ରୋହ ମାମଲା । ବିରୋଧୀଙ୍କୁ ମାତ୍ ଦେବା ପାଇଁ ଇମ୍ରାନ ନେଇଥିବା ପଦକ୍ଷେପ ଗୁଡିକ ଅସାମ୍ବିଧାନିକ ବୋଲି କୁହାଯାଇଛି ଏବଂ ଏହାକୁ ନେଇ ତାଙ୍କ ନାଁରେ କୋର୍ଟରେ ରାଷ୍ଟ୍ରଦ୍ରୋହ ମାମଲା ରୁଜୁ ହୋଇପାରେ । ବିରୋଧୀ ତାଙ୍କ ବିରୋଧରେ ଗତ ମାସରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଯେଉଁଥିରେ ତାଙ୍କୁ ମାତ୍ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ ଇମ୍ରାନ ଖାନ । ଏନେଇ ପାକିସ୍ତାନୀ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ସମ୍ବିଧାନର ବ୍ୟବସ୍ଥାକୁ ଉଲ୍ଲେଖ କରି ବିଭିନ୍ନ କୋର୍ଟରେ ଦାଖଲ ହୋଇଥିବା ପିଟିସନରେ ଉଲ୍ଲେଖ ଅଛି ଇମ୍ରାନ ଖାନ ବିରୋଧୀଙ୍କ ବିରୋଧରେ ତାଙ୍କ କ୍ଷମତାର ଅପବ୍ୟବହାର କରିଥିଲେ । ତେଣୁ ସେ ଦେଶଦ୍ରୋହର ନୂତନ ଅଭିଯୋଗର ସମ୍ମୁଖିନ ହୋଇପାରନ୍ତି । ପାକିସ୍ତାନୀ ଗଣମାଧ୍ୟମ 'ଇସଲାମ ଖବର'ରେ ରିପୋର୍ଟ ପ୍ରକାଶ କରିଛି । ଯଦିଓ ଇସଲାମାବାଦ ହାଇକୋର୍ଟର ପ୍ରଧାନ ବିଚାରପତି ଅଥାର ମୀନାଲା ଏହି ଆବେଦନ ମଧ୍ୟରୁ ଗୋଟିଏକୁ ଅମୂଳକ ଦର୍ଶାଇ ପ୍ରତ୍ୟାଖାନ କରିଦେଇଥିଲେ । ତଥାପି କୋର୍ଟରେ ବିଚାରଧୀନ ଥିବା ଅନ୍ୟ ଆବେଦନ ଉପରେ ନିଷ୍ପତି ଖାନଙ୍କ ବିପଦ ବଢାଇପାରେ । ନ୍ୟାସନାଲ ଆସେମ୍ବଲିରେ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବାରେ ▶▶ପୃଷ୍ଠା ୭

# ଖୁବ୍‌ଶୀଘ୍ର ନବୀନଙ୍କ ମନ୍ତ୍ରିମଣ୍ଡଳରେ ହୋଇପାରେ ଅଦଳବଦଳ



ଭୁବନେଶ୍ୱର, ୧୪/୦୪ (ନି.ପ୍ର): ଓଡିଶାରେ ଖୁବଶୀଘ୍ର ମନ୍ତ୍ରୀମଣ୍ଡଳ ଅଦଳବଦଳ ହେବା ନେଇ ଚର୍ଚ୍ଚା ଚାଲିଛି । ୨୦୨୪କୁ ଆଖିରେ ରଖି ମୁଖ୍ୟମନ୍ତ୍ରୀ ନୂଆ ଟିମ୍ ଗଢିବେ, ତେଣୁ ନବୀନଙ୍କ ନୂଆ ମନ୍ତ୍ରୀମଣ୍ଡଳରେ କିଏ ରହିବ, କିଏ ଯିବ ତାକୁ ନେଇ ନେତାଙ୍କ ହାର୍ଟବିଟ ବଢି ଯାଇଛି । ସେପଟେ ଆସନ୍ତା ୧୬ ତାରିଖରେ ରାଜ୍ୟପାଳ ଓଡିଶା ଫେରୁଛନ୍ତି । ତେଣୁ ଏପ୍ରିଲ ୧୬ ପରେ ଯେକୌଣସି ଦିନ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ ବୋଲି କୁହାଯାଉଛି । ଏଥିସହ ଦଳର ସାଂଗଠିନକ ପରିବର୍ତ୍ତନ କରିବା ନେଇ ମଧ୍ୟ ସଙ୍କେତ ମିଳିଛି । କିଛି ସ୍ଥାନର ପର୍ଯ୍ୟବେକ୍ଷକଙ୍କୁ ହଟାଇ ଯୁବ ଚେହେରାଙ୍କୁ ଦାୟିତ୍ୱ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ପଞ୍ଚାୟତ ଓ ପୌର ନିର୍ବାଚନରେ ସଫଳତା ପରେ ଏବେ ବିଜେଡି ୨୦୨୪ ପାଇଁ ପ୍ରସ୍ତୁତି କରୁଛି । ଏଥିପାଇଁ ସରକାରରେ ଏକ ନୂଆ ରୂପ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଚାଲିଥିବା ଚର୍ଚ୍ଚା ଅନୁସାରେ ଏପ୍ରିଲ ୧୭ ପରେ ଯେକୌଣସି ସମୟ ପରେ ସବୁଠୁ ବଡ଼ ମନ୍ତ୍ରୀମଣ୍ଡଳ ଅଦଳବଦଳ ହୋଇପାରେ । ସେଥିପାଇଁ ଓଡ଼ିଶା ପାୱାର କରିଡର ଚଳଚଞ୍ଚଳ ହୋଇଉଠିଛି । ୨୦୨୪କୁ ଫୋକସ କରି ଖୁବଶୀଘ୍ର ନୂଆ ଟିମ ଗଢିବା ପାଇଁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କିଛି ବିବାଦୀୟ ମନ୍ତ୍ରୀଙ୍କୁ ବାହାରର ରାସ୍ତା ଦେଖାଇ ପାରନ୍ତି । ସ୍ୱଚ୍ଛ ଭାବମୂର୍ତ୍ତି, ଦକ୍ଷତା, ପ୍ରଦର୍ଶନ ଓ ସାଂଗଠନିକ କାର୍ଯ୍ୟକୁ ଆଧାର କରି ନୂଆ ଟିମ ଗଢିବାକୁ ଯାଉଛନ୍ତି । ତେଣୁ ନବୀନଙ୍କ ନୂଆ ମନ୍ତ୍ରୀମଣ୍ଡଳରେ କିଏ ରହିବ, କିଏ ଆଉଟ ହେବ । ତାକୁ ନେଇ ନେତାଙ୍କ ହାର୍ଟବିଟ ବଢି ଚାଲିଛି । ପୂର୍ବରୁ ମନ୍ତ୍ରୀ ଦେଇଥିବା ରିପୋର୍ଟକୁ ଅନୁଶୀଳନ କରାଯାଇ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି । କେଉଁ ମନ୍ତ୍ରୀଙ୍କର ପ୍ରଦର୍ଶନ ସନ୍ତୋଷଜନକ ଥିଲା ଓ କାହାର ପ୍ରଦର୍ଶନ ଖରାପ ଥିଲା ତାହା ମଧ୍ୟ ଏହି ମନ୍ତ୍ରୀମଣ୍ଡଳ ଗଠନର ଆଉ ଏକ ମାପଦଣ୍ଡ ବୋଲି କୁହାଯାଉଛି । ପଞ୍ଚମ ପାଳିରେ ▶▶ପୃଷ୍ଠା ୭

## ଏପ୍ରିଲ ଶେଷ ସୁଦ୍ଧା ବଦଳିବେ କଂଗ୍ରେସ ମୁଖିଆ !

ଭୁବନେଶ୍ୱର, ୧୪/୦୪ (ନି.ପ୍ର): ପଂଚାୟତ ଓ ପୌର ନିର୍ବାଚନ ପରେ ଓଡ଼ିଶା କଂଗ୍ରେସରେ ନେତୃତ୍ୱ ପରିବର୍ତନ ପ୍ରସଙ୍ଗ ଜୋର ଧରିଛି ।ଏହା ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା କଟକ ବାରବାଟି ବିଧାୟକ ମହମ୍ମଦ ମୋକ୍ବିମ ଙ୍କ ବଡ଼ ବୟାନ ସାମ୍ନାକୁ ଆସିଛି । ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟରେ ପିସିସି ସଭାପତି ପରିବର୍ତନ ହେବ ବୋଲି ସେ କହିଛନ୍ତି । ଏପରି ସ୍ଥିତିରେ ପ୍ରତିକ୍ରିୟା ରଖି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରତି ଦୁଇ ତିନି ବର୍ଷରେ ପିସିସି ପରିବର୍ତନ ହୋଇଥାଏ । ଏପରି ପରିବର୍ତନ ହେବା ମଧ୍ୟ ଆବଶ୍ୟକ । ମୁଁ ବହୁତ ଆଗରୁ ଇସ୍ତଫା ଦେଇଛି । ଏହା ଆମ ଦଳର ଆଭ୍ୟନ୍ତରୀଣ ବ୍ୟାପାର । ଇସ୍ତଫା ପତ୍ର ସାର୍ବଜନୀନ କରିବାର ଆବଶ୍ୟକ ନାହିଁ । କଂଗ୍ରେସରେ ବହୁତ ଯୋଗ୍ୟ ଲୋକ ସଭାପତି ପଦ ପାଇଁ ଅଛନ୍ତି । ତେଣୁ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯାଉଛି । ପରବର୍ତି ଦାୟିତ୍ୱ କାହାକୁ ଦିଆଯିବ, ସେ ନିଷ୍ପତି ଏଆଇସିସି ନେବ । ତେବେ ଯେତେ ଶୀଘ୍ର ଏପ୍ରସଙ୍ଗରେ ନିଷ୍ପତି ନିଆଯିବ, ଦଳ ପାଇଁ ସେତେ ଭଲ ହେବ ବୋଲି କହିଛନ୍ତି ନରଞ୍ଜନ ପଟ୍ଟନାୟକ ।

## ରାଜଧାନୀରେ କାୟା ମେଲାଇଲାଣି କୋକେନ୍

ଭୁବନେଶ୍ୱର, ୧୪/୦୪ (ନି.ପ୍ର): କୋକେନ କବଳରେ ରାଜଧାନୀ ଯୁବପୀଢି । ଭୁବନେଶ୍ୱରରେ କୋକେନ ଭଳି ବିଦେଶୀ ନିଶାର ମୋହରେ ପଡିଛନ୍ତି ରାଜଧାନୀର ଯୁବକ । ସାଲିଆ ସାହିରୁ ଏସଟିଏଫ୍ ୨୦୨ ଗ୍ରାମର– କୋକେନ ଜବତ କରିବା ସହ ରାଜସ୍ଥାନର ୨ ବେପାରୀଙ୍କୁ ବାନ୍ଧିଛି । କୋକେନ କେଉଁଠୁ ଓଡିଶାକୁ ଆସୁଛି, ରାଜ୍ୟର ଅନ୍ୟ କେଉଁ ସ୍ଥାନରେ ଏହାର ବେପାର ଆରମ୍ଭ ହେଲାଣି, ଏହି ନିଶା କାରବାରର ରାକେଟକୁ ରୋକିବା କମିସନରେଟ ପୁଲିସ ପାଇଁ ବଡ ଚାଲେଞ୍ଜ ପାଲଟିଛି । ଇଏ ଏମିତି ଏକ ନିଶା, ଯାହା ପଛରେ ପାଗଳ ଭଳି ପଡିଛନ୍ତି ଯୁବଗୋଷ୍ଠୀ । ଦିଲ୍ଲୀ, ମୁମ୍ବାଇ ଭଳି ରାଜଧାନୀ ଭୁବନେଶ୍ୱରରେ କାୟା ମେଲାଇ ଚାଲିଛି କୋକେନ୍ । ଯାହାର ଦାମ ୧ ଗ୍ରାମକୁ ୫ ହଜାର ଟଙ୍କାରୁ ଅଧିକ । ତେବେ ଏହି ଦାମୀ ନିଶା ସେବନ ପାଇଁ ପଛାଉନାହାନ୍ତି ଯୁବପିଢ଼ି । ଏପରିକି ୨-୩ ଦିନ ତଳେ ସାଲିଆସାହି ଅଞ୍ଚଳର ଜଣେ ଯୁବକ ନିଜ ବାଇକକୁ ବିକି ଦେଇଥିବା କହିଛନ୍ତି ସ୍ଥାନୀୟ ଲୋକ । ବ୍ରାଉନସୁଗାର ପରେ କୋକେନ୍ କାରବାର । ଦିଲ୍ଲୀରୁ ସାଲିଆସାହି ପର୍ଯ୍ୟନ୍ତ ଲମ୍ବିଛି ଚେର । ବ୍ରାଉନସୁଗାର କାରବାରକୁ ନେଇ ଚିନ୍ତା ବଢୁଥିବା ବେଳେ ଭୁବନେଶ୍ୱର ସାଲିଆସାହିରୁ ଏସଟିଏଫ୍ ୨୦୨ ଗ୍ରାମର କୋକେନ ଜବତ କରିବା ପରେ ଏହି ନେଟଓ୍ୱର୍କକୁ କିପରି ରୋକାଯାଇ ପାରିବ କମିସନରେଟ୍ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ରାଜଧାନୀରୁ ପ୍ରଥମ ଥର ପାଇଁ କୋକେନ୍ ଜବତ କରିବା ସହ ୨ ଜଣ ମାଫିଆଙ୍କୁ ଗିରଫ କରିଛି ଏସଟିଏଫ୍ । ସେମାନେ ହେଲେ ରାଜସ୍ଥାନର ରବି ସିଂ ଓ ସନ୍ନି କୁମାର । ଏମାନେ କିଛି ଦିନ ହେଲା ସାଲିଆସାହିରେ ଆସ୍ଥାନ ଜମାଇଥିଲେ । ତେବେ କେତେ ପରିମାଣର କୋକେନ୍ ଓଡ଼ିଶାର କେଉଁ କେଉଁ ସ୍ଥାନରେ ପହଞ୍ଚିଛି, ତା'ର ପୂରା ତଥ୍ୟ ମିଳି ପାରିନାହିଁ ।

### ମାହାଙ୍ଗା ଗଣହତ୍ୟା ମାମଲାରେ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ

# ପାଇଖାନା ପାଇଁ ୫ ଜଣଙ୍କୁ ହତ୍ୟା



ଭୁବନେଶ୍ୱର, ୧୪/୦୪ (ନି.ପ୍ର): ମାହାଙ୍ଗା ଗଣହତ୍ୟା ମାମଲା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ଜଣେ ସାନ ଭାଇ କାହିଁକି ଏତେ ବଡ ଜଘନ୍ୟ କାଣ୍ଡ ଘଟାଇଲା ? ଏମିତି କଣ ହେଲା ଯେ ଜଣେ ଭାଇ ଆଉ ଜଣେ ଭାଇ ଓ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ଶେଷ କରିଦେଲା ? ଗଣହତ୍ୟା ପଛର କାରଣ କଣ ? ସମସ୍ତଙ୍କ ମନରେ ଏମିତି ଏକାଧିକ ଅସମାହିତ ପ୍ରଶ୍ନ ଉଙ୍କି ମାରୁଥିଲାବେଳେ ସାମ୍ନାକୁ ଆସିଛି ହତ୍ୟାକାଣ୍ଡ ପଛର ରୋମାଞ୍ଚକର ତଥ୍ୟ । ମୁଣ୍ଡରେ ଗାମୁଛା ପକାଇ କିଛି ନଜାଣିଲା ଭଳି, ନିରୀହ ଦେଖାଯାଉଥିବା ଏହି ବ୍ୟକ୍ତି ଜଣଙ୍କ ନିଜ ବଡ ଭାଇ ସମେତ ପାଂଚ ପାଂଚ ଜଣଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବା ପରେ ଏବେ ପୋଲିସର କବଜାରେ । କୋର୍ଟରେ ହାଜର କରିବା ପରେ ତିନି ଦିନିଆ ରିମାଣ୍ଡରେ ଆଣି ନିଜ ଭାଇ ଓ ଭାଇର ପରିବାରକୁ କାହିଁକି ହତ୍ୟା କଲା ତାର କାରଣ ଖୋଜୁଛି ପୁଲିସ । ପ୍ରାଥମିକ ପର୍ଯ୍ୟାୟରେ ପଚରାଉଚୁରା ସମୟରେ ଅଭିଯୁକ୍ତ ଶିବ ହତ୍ୟାକାଣ୍ଡ କରିଥିବା କଥାକୁ ସ୍ୱୀକାର କରିଥିବା ଜଣାପଡିଛି । ଆଉ କହିଛି କେମିତି ଓ କାହିଁକି ଘଟାଇଥିଲା ଜଘନ୍ୟ କାଣ୍ଡ । ପାଇଖାନା କଳିରୁ ପାଂଚ ଜଣଙ୍କୁ ହତ୍ୟା । ତାଲା ପକାଇ ଦେବାରୁ ହତ୍ୟା କରିଥିବା ସୂଚନା । କୁସୁପୁର ଗାଁର ଲୋକଙ୍କ କହିବା ଅନୁସାରେ ଦୁଇ ଭାଇଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେଲା ଜମିବାଡିକୁ ନେଇ ବିବାଦ ରହିଥିଲା । ବିଶେଷ କରି ପାଇଖାନାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ▶▶ପୃଷ୍ଠା ୭

## ହକି ବିଶ୍ୱକପ୍‌ର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମଠାରେ ହକି ବିଶ୍ୱକପ୍ ର ଲୋଗୋ-୨୦୨୩କୁ ଉନ୍ମୋଚନ କରିଛନ୍ତି। ୨୦୨୩ ଜାନୁଆରୀ ୧୩ରୁ ୨୯ଯାଏଁ ବିଶ୍ୱକପ୍ ଖେଳାଯିବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଓ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ଷ୍ଟାଡିୟମ୍ ରେ ବିଶ୍ୱକପ୍ ର ମ୍ୟାଚଗୁଡ଼ିକ ଖେଳାଯିବ। ନିର୍ମାଣ ସରିଲେ ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ ହେବ ଭାରତର ବୃହତ ହକି ଷ୍ଟାଡିୟମ । ଓଡିଶାରେ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜିତ ହେଉଛି । ପୂର୍ବରୁ ୨୦୧୮ ମସିହାରେ ଓଡିଶାରେ ବିଶ୍ୱକପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା । ସେଥିରେ ବେଲଜିୟମ ଚାମ୍ପିଅନ ହୋଇଥିଲା ।

# ଚଳିତ ବର୍ଷ ସ୍ୱାଭାବିକ ହେବ ମୌସୁମୀ ବର୍ଷା



ଭୁବନେଶ୍ୱର, ୧୪/୦୪ (ନି.ପ୍ର): ମୌସୁମୀକୁ ନେଇ ଏକ ଖୁସି ଖବର ସାମ୍ନାକୁ ଆସିଛି । ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ପାଣିପାଗ ବିଭାଗର ଆକଳନ ଅନୁସାରେ, ଚଳିତବର୍ଷର୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ରହିବ ଏବଂ ଜୁନରୁ ସେପ୍ଟେମ୍ବର ମଧ୍ୟରେ ଭଲ ବର୍ଷା ହେବ । ବିଶେଷକରି ଉତ୍ତର ଭାରତ ଓ କେନ୍ଦ୍ର ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଥିବା ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ଚାଷୀଙ୍କ ପାଇଁ ଖୁସି ଖବର । ଏ ବର୍ଷ ସ୍ୱାଭାବିକ ରହିବ ମୌସୁମୀ । ଚଳିତ ବର୍ଷ ୨୦୨୨ ମୌସୁମୀକୁ ନେଇ ଏଭଳି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ଆକଳନ ଅନୁସାରେ, ଚଳିତ ବର୍ଷର୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ରହିବ ଏବଂ ଜୁନରୁ ସେପ୍ଟେମ୍ବର ମଧ୍ୟରେ ଭଲ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବର୍ଷା ପରିମାଣ ଏହି ସମୟ ଅବଧିରେ ୯୬ରୁ ୧୦୪ ପ୍ରତିଶତ ରହିବା ଆକଳନ କରାଯାଇଛି । ବିଶେଷକରି ଉତର ଭାରତ ଓ କେନ୍ଦ୍ର ଭାରତରେ ସାମାନ୍ୟ ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଏହାଦ୍ୱାରା ଚାଷ ଓ ଏ ସମ୍ପର୍କିତ କ୍ଷେତ୍ରରେ ଅଭିବୃଦ୍ଧି ବଢିପାରେ ବୋଲି ଆଶା କରାଯାଉଛି । ଯଦି ଓଡ଼ିଶା କଥା ଦେଖିବା ତା ହେଲେ ମୌସୁମୀ ସ୍ୱାଭାବିକ ରହିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି ।

# ବିବାହ ବନ୍ଧନରେ ବାନ୍ଧି ହେଲେ ରଣବୀର କପୁର ଓ ଆଲିଆ ଭଟ୍ଟ



ନୂଆଦିଲ୍ଲୀ, ୧୪/୦୪ : ବି-ଟାଉନର ବହୁ ପ୍ରତିକ୍ଷିତ ସେଲିବ୍ରିଟି ବିବାହ ଉତ୍ସବ ସମାପନ ହୋଇଛି । ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ରଣବୀର କପୁର ଓ ଆଲିଆ ଭଟ୍ଟ । ବିବାହ ଉତ୍ସବର ସମସ୍ତ ରୀତିନୀତି ପୁରା ହୋଇଛି । ଗତ ୪ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢି ଉଠିଥିଲା । ରଣବୀର କପୁରଙ୍କ ବାସଭବନ 'ବସ୍ତୁ'ରେ ଏହି ବିବାହ ଉତ୍ସବ ହୋଇଛି । ଏଥିରେ ଉଭୟ ପରିବାରର ବଛାବଛା ନିକଟ ସମ୍ପର୍କୀୟ ସାମିଲ ହୋଇଥିଲେ । ଏହି ବିବାହ ଉତ୍ସବରେ ଆଲିଆ ଓ ରଣବୀରଙ୍କ ଅତି ନିକଟତମ ବନ୍ଧୁ ଅୟାନ ମୁଖାର୍ଜୀ ଓ କରନ ଜୋହର ମଧ୍ୟ ଉପସ୍ଥିତ ଥିଲେ । ତେବେ ମିଳିଥିଲା ସୂଚନା ଅନୁସାରେ ବିବାହ ଉତ୍ସବ ପରେ ଅୟାନ ଓ କରନଙ୍କ ସହ ଭେଟ ହୋଇ ଭାବବିହ୍ୱଳ ହୋଇପଡିଥିଲେ ଆଲିଆ ଓ ରଣବୀର । ନୀତୁ ସିଂଙ୍କ ପରିବାର ଓ ନିକଟତମ ସମ୍ପର୍କୀୟ ଏହି ବିବାହ ଉତ୍ସବରେ ଯୋଗ ଦେଇଥିଲେ । ଆକାଶ ଅମ୍ବାନୀ, ଶ୍ଳୋକା ଅମ୍ବାନୀଙ୍କ ମଧ୍ୟ ଏହି ବିବାହରେ ସାମିଲ ହୋଇଥିଲେ । ▶▶ପୃଷ୍ଠା ୭


**ନିମନ୍ତ୍ରଣ**

ଶୁଭ ଲୋକାର୍ପଣ ଉତ୍ସବ

**ଏମିତି ଚାଲିଥିଲା**

ରାଜନୈତିକ ଉପନ୍ୟାସ





ଔପନ୍ୟାସିକ : **ସୃଷ୍ଟିଧର ପରିଡା**

ତା୧୭ ଅପ୍ରେଲ ୨୦୨୨ରିଖ, ରବିବାର
ସମୟ : ଅପରାହ୍ନ ୫ଘଟିକା
ସ୍ଥାନ : ଆତିଥ୍ୟ ସଭାଗୃହ, ହସପିଟାଲ ରୋଡ, ବାଲେଶ୍ୱର

ଉତ୍ସବରେ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିବେ :

- **ଦେବ ପ୍ରସାଦ ଦାଶ,** ବିଶିଷ୍ଟ କଥାକାର
- **ଅରୁଣ କୁମାର ସାହୁ,** ବିଶିଷ୍ଟ କବି
- **ଡ. ଭାଗବତ ବେହେରା,** ବିଶିଷ୍ଟ ଔପନ୍ୟାସିକ
- **କାଳୀପଦ ପଣ୍ଡା,** କବି ଓ ପ୍ରକାଶକ
- **ଡ. ଗୀତାଶ୍ରୀ ପ୍ରିୟମ୍ବଦା,** କବି
- **ସୈରିନ୍ଧ୍ରୀ ସାହୁ,** ସଂପାଦିକା : ଧ୍ୱନିପ୍ରତିଧ୍ୱନି ଓ ସାଗରିକା

ଆପଣଙ୍କ ଉପସ୍ଥିତି ଅପେକ୍ଷାରେ
**ସୃଷ୍ଟିଧର ପରିଡା**

# ଗୋମ୍ପାକୋଣ୍ଡାରେ ଅଜଣା ରୋଗର ସ୍ଥିତି ଅନୁଧ୍ୟାନ କଲା ଡାକ୍ତରୀ ଟିମ୍

ମାଲକାନଗିରି,୧୪/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଗୋମ୍ପାକୋଣ୍ଡା ପଚାଂୟତ ଗୋମ୍ପାକୋଣ୍ଡା ଗ୍ରାମରେ ଅଜଣା ରୋଗ ଦେଖାଦେଇଛି । ଏହି ଅଜଣା ରୋଗରେ କେତେକ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନେକ ଆକ୍ରାନ୍ତ ହୋଇଥିବା ଖବର ମିଳିଛି । ଗତ କିଛି ଦିନ ତଳେ ବ୍ଲକର ଚିନ୍ତଲବାଡା ପଚାଂୟତ ଅନ୍ତର୍ଗତ ପିତାକୋଣ୍ଡା ଗ୍ରାମରେ ୨ ମାସ ଭିତରେ ୫ ଶିଶୁଙ୍କ ସହ ୨୦ ଜଣଙ୍କ ମୃତ୍ୟୁ ହେବା ଖବର ଜିଲାରେ ଆଲୋଡନ ଖେଳାଇ ଦେଇଥିଲା । ଅନୁରୂପ ଭାବେ ଅଜଣା ରୋଗ ସ୍ୱାସ୍ଥ୍ୟ ବିଭାଗର ଚିନ୍ତାର କାରଣ ପାଲଟିଛି । ଏନେଇ ସୂଚନା ପାଇ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଟିମ୍ ଗୋମ୍ପାକୋଣ୍ଡା ଗ୍ରାମକୁ ଯାଇ ସେଠାରେ ଏକ ସ୍ୱାସ୍ଥ୍ୟ ଶିବିର କରିବା ସହ ଗମ୍ପାକୋଣ୍ଡା ଗ୍ରାମରେ ଡାକ୍ତରୀ ଟିମ୍ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରୋଗର କାରଣ ଅନୁଧ୍ୟାନ କରିଛନ୍ତି । ଡା . ଅବିଦ ହୁସେନ ଖାନଙ୍କ ନେତୃତ୍ୱରେ ବିପିଏମ ବିକାଶ ମିଶ୍ର, ଏମ୍ପିଭି - ୨୧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଆଦିତ୍ୟ ଦାସ, ଆୟୁଷ ଡାକ୍ତର ଚିନ୍ମୟ କୁମାର, ନିଦାନ ବିଭାଗର ତ୍ରିନାଥ ପଣ୍ଡା ପ୍ରମୁଖ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଅଜଣା ରୋଗ ପାଣି ପାଇଁ ହେଉଛି ନା ଅନ୍ୟ କିଛି କାରଣ ରହିଛି ତାହା ସ୍ୱାସ୍ଥ୍ୟ ବିଭାଗର ଅନୁଧ୍ୟାନ ପରେ ସ୍ପଷ୍ଟ ହେବ । ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଡା. ହୁସେନଙ୍କୁ ପଚାରିବାରୁ ସେ କହିଛନ୍ତି, ଆଦିବାସୀ ଲୋକଙ୍କୁ ଯେତେ ବୁଝେଇଲେ ମଧ୍ୟ ସେମାନେ ସଚେତନ ହେଉନାହାନ୍ତି । ଲୋକମାନେ ମଦ୍ୟପାନ ସହ ଅନ୍ୟାନ୍ୟ ନିଶା ସେବନ କରଛନ୍ତି । ଆମେ ଗ୍ରାମବାସୀ ବ୍ୟବହାର କରୁଥିବା ପାଣି ଏବଂ ଲୋକଙ୍କ ରକ୍ତ ଆଦି ନମୁନା ସଂଗ୍ରହ କରିଛୁ । ସେଗୁଡିକ ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ । ଆକ୍ରାନ୍ତଙ୍କ ଚିକିତ୍ସା କରାଯାଇଛି । ଏହି ରୋଗ କାହିଁକି ବ୍ୟାପୁଛି ତାହା ଗ୍ରାମବାସୀଙ୍କଠାରୁ ବୁଝିବା ସହ ଲୋକଙ୍କ ରକ୍ତ କଫ ଆଦି ନମୁନା ସଂଗ୍ରହ କରିଥିଲେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ରୋଗରେ ହଠାତ୍ ସେମାନଙ୍କ ଗୋଡହାତ ଓ ମୁହଁ ଫୁଲିଯାଉଛି । ପେଟ ଯନ୍ତ୍ରଣା ହେବାସହ ନିଶ୍ୱାସ ନେବାରେ କଷ୍ଟ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି । ଇତି ମଧ୍ୟରେ ଏହି ଅଜଣା ରୋଗରେ ଗ୍ରାମର ୨ ଜଣଙ୍କ ମୃତ୍ୟୁ ହୋଇଛି । ସେମାନେ ହେଲେ ସୋମା ମାଡ଼ି ( ୪୦ ) ଓ ନନ୍ଦା ମାଢି ( ୨୧ ) ।

# ରସାୟନ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡା,୧୪/୦୪ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ "ଫର୍ଟିଲାଇଜର୍ ମାନୁଫାକ୍ଚରିଙ୍ଗ୍ ପ୍ରୋସେସ୍ ଆଟ୍ ଇଫ୍କୋ" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଇଫ୍କୋ ପାରାଦ୍ୱୀପ ୟୁନିଟ୍, ପାରାଦ୍ୱୀପର ସିନିୟର୍ ମ୍ୟାନେଜର୍ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ଦାସ ରାସାୟନିକ ସାର ଇଫ୍କୋରେ ପ୍ରସ୍ତୁତି ପ୍ରଣାଳୀର ନମୁନା କମ୍ପ୍ୟୁଟର ମାଧ୍ୟମରେ ଉପସ୍ଥାପନ କରି ଉଦ୍ଭିଦର ଅଣୁସାର ସହିତ ସାରର ପ୍ରୟୋଜନତା ଜରୁରୀ ବୋଲି ମନ୍ତବ୍ୟ ରଖିଥିଲେ । ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧାପିକା ଡ଼ଃ ପ୍ରମିଳାରାଣୀ ବେହେରା ଅତିଥି ପରିଚୟ ପ୍ରଦାନ ସହିତ ଆଲୋଚନା ବିଷୟ ବସ୍ତୁର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଆଇ.କ୍ୟୁ.ଏସିର ମୁଖ୍ୟ ସଂଯୋଜକ ଡ଼ଃ ମଥୁରୀ ଚରଣ ନାୟକ ଛାତ୍ରୀମାନଙ୍କ କ୍ୟାରିୟରକୁ ଆଲୋଚନା ଚକ୍ର ସୁଦୃଢ ସମ୍ପର୍କରେ ବିବରଣୀ ଦେଇଥିଲେ । ମହାବିଦ୍ୟାଳୟର ପ୍ରାଧାପିକା ଜ୍ୟୋସ୍ନାମୟୀ ପତି, ଅଧାପିକା ଇପ୍ସାମୟୀ ଭୂୟାଁ ଓ ଅଧାପକ ନିତ୍ୟସୁନ୍ଦର ମାଣିକ, ରଞ୍ଜିତ୍ ଦାସ ସହିତ ଡେମୋନ୍ଷ୍ଟ୍ରେଟର୍ ଲିପିକା ରାଉତ ଓ ବର୍ଷାରାଣୀ ଜେନା ଉପସ୍ଥିତ ଥିଲେ । ବିଭାଗର ଛାତ୍ରୀମାନେ ଓ କର୍ମଚାରୀ ଶ୍ରୀ ବଳରାମ ବାରିକ, ଶ୍ରୀ ଗୌତମ ନାୟକ ଓ ଶ୍ରୀ ବାସୁଦେବ ଦାସ ଏହି ଆଲୋଚନା ଚକ୍ର ପରିଚାଳନାରେ ସହଯୋଗ କରିଥିଲେ । ସର୍ବଶେଷରେ ଅଧାପକ ଶ୍ରୀ ସନତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ବୈଠକ

କେନ୍ଦ୍ରାପଡା,୧୪/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଏବଂ ହସପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଜିଲ୍ଲା ବିକାଶ ସାମୁକ୍ଷ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅଜୟ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଇନଜୀବି ରମଣୀ ରଞ୍ଜନ ରାଉତରାୟ ବିଗତ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିବା ସହିତ ଜିଲ୍ଲାରେ ଏମ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବିଗତ ଦିନରେ ଆନ୍ଦୋଳାତ୍ମକ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ଯାହା କେନ୍ଦ୍ର ସରକାରଙ୍କ ଠାରେ ପ୍ରଭାବ ପକାଇ ପାରିନାହିଁ ବୋଲି ମତ ପ୍ରକାଶ କରିଥିଲେ । ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବ୍ୟାପକ ଜନ ଆନ୍ଦୋଳନ ଦରକାର ବୋଲି ଏହି ସଭାରେ ମତ ପ୍ରକାଶ ପାଇଥିଲା । ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଆସନ୍ତା ୨୨ ତାରିଖ ଠାରୁ ପଦଯାତ୍ରା ସକାଳ ୮ଟା ରୁ ଇଚ୍ଛାପୁର ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରିବ । ସମସ୍ତ ଜନ ପ୍ରତିନିଧି ପୂର୍ବତନ ପ୍ରତିନିଧି ମାନଙ୍କୁ ସାମିଲ ସହିତ ମହିଳା ମାନଙ୍କୁ ମଧ୍ୟ ସାମିଲ କରାଯାଇ ପ୍ରତ୍ୟେକ ବ୍ଲକରେ ପଦଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଗାଁ ଗାଁ ବୁଲି ମୁଠି ଚାଉଳ ଆଦାୟ କରାଯିବାକୁ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ଫକିର ଖକଟୁଆ, ଗୟାଧର ଧଳ, କେଦାରନାଥ ସାମଲ, ବିଶ୍ୱନାଥ ଆଚାର୍ଯ୍ୟ, ଅମୀୟ ନାୟକ, ଗୌରାଙ୍ଗ ଚରଣ ସାହୁ, ପ୍ରଫୁଲ ଦାସ, ରାଜ କିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମଦ ଚାଲାଣ ବେଳେ ଚଢାଉ ୩ ଗିରଫ

ଜୟପୁର ,୧୪/୦୪ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି । ୨ଟି ସ୍ଥାନରେ ଚଢାଉ କରି ୩ ଜଣ କୁ ଗିରଫ କରିବା ସହ ବାଇକ ଓ ସ୍କୁଟି ଗାଡି ଓ ୮୩ କେଜି ଦେସି ମଦ କୁ ଜବତ କରିଛି । ପୋଲିସ ସୁଚନା ଅନୁଯାଇ ଲିମା ଗ୍ରାମର ଶବ ଜାନୀ ଓ ପ୍ରହଲ୍ଲାଦ ହରିଜନ ଏକ ବାଇକରେ ଦେଶି ମଦ ଧରି ଆସୁଥିବା ବେଳେ ଜୟପୁର ସଦର ପୋଲିସ ଫାମ୍ପୁଣି ନିକଟରେ ଚଢାଉ କରିଛି । ଚଢ଼ାଉ କରି ୨ ଜଣ କୁ ଗିରଫ କରିବା ସହ ବାଇକ ଓ ୪୧ ଲିଟର ଦେଶି ମଦ କୁ ଜବତ କରିଛି । ସେହିପରି ଏକ ସ୍କୁଟିରେ ଦେଶି ମଦ ଧରି ଆସୁଥିବା ବେଳେ ଅନ୍ତା ନିକଟରେ ଚଢାଉ କରିଛି । ଚଢାଉ କରି ଜଗନ୍ନାଥ ବାରିକକୁ ଗିରଫ କରି ତାଠାରୁ ୪୨ ଲିଟର ଦେଶି ମଦ ଓ ସ୍କୁଟି ଗାଡିକୁ ଜବତ କରିଛି । ୨ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା

# ଆନ୍ଧ ଖାଲିଆ ଘାଟିରୁ ୪ଲକ୍ଷ ୫୦ହଜାର ଟଙ୍କାର ଗଞ୍ଜେଇ ଜବତ ଅଭିଯୁକ୍ତ ଗିରଫ

କନ୍ଧମାଳ ,୧୪/୦୪ (ନି.ପ୍ର): ଦାରିଙ୍ଗବାଡି ଥାନା ପୁଲିସ ଏକ ଗଞ୍ଜେଇ ବୋଝେଇ ବୋଲେରୋ ପିକଅପ ରୁ ୧୪୨ କିଲୋ ୩ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଥିବା ନେଇ ଥାନା ଅଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି । ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷ ୫୦ହଜାର ଟଙ୍କା ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲିଗୁଡା ଥାନା ବାଟାଗୁଡ଼ାର ଟୁନୁ ନାୟକ । ଥାନା ଅଧିକାରୀଙ୍କ ସୂଚନା ପ୍ରକାରେ ବାଲିଗୁଡ଼ା ଅଂଚଳରୁ ଗଞ୍ଜାମ ଜିଲ୍ଲା କୋଦଳା ଅଂଚଳକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଥାନା ଅଧିକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପାଇ ଦାରିଙ୍ଗବାଡି ଥାନା ଥାନା ଅଧିକାରୀ କୌଶିକ ମାଝୀ ଙ୍କ ନେତୃତ୍ୱରେ ଏଏସଆଇ ଅର୍ଜୁନ ଶବର କନେଷ୍ଟବଳ ରଘୁନାଥ ନାୟକ, ମନରଞ୍ଜନ ସାବତ, ଦିଲିପ ନାୟକ ଙ୍କ ସହିତ ଅନ୍ୟ କର୍ମଚାରୀ ଙ୍କ ଏକ ଟିମ ଆନ୍ଧ ଖାଲିଆ ବୁଲାଣି ରେ ଛପି ରହିଥିବା ବେଳେ ବାଲିଗୁଡା ପଟୁ ଏକ ବୋଲେରୋ ପିକଅପ ନମ୍ବର(ଓ-ଆର-୨୫ବି-୯୩୬୩) ଦ୍ରୁତ ଗତିରେ ଆସିଥିଲା କ୍ଷ ଘାଟିରେ ପୋଲିସକୁ ଦେଖି ବୋଲେରୋ ପିକଅପ ଚଳାଉଥିବା ଡ୍ରାଇଭର ଜଣକ ଗାଡ଼ିର ଗତି କମାଇଦେଇ ଗାଡ଼ି ରୁ ଓଲ୍ହାଇ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ କର୍ମଚାରୀ ମାନେ ତାକୁ ଧରିବାରେ ସକ୍ଷମ ହୋଇଥିଲେ । ଡ୍ରାଇଭରକୁ ଧରିବା ପରେ ଗାଡ଼ିଟିକୁ ଯାଂଚ କରିବା ସମୟରେ ଭ୍ୟାନ ର ଡାଲାରେ ୩ଟି ବଡ଼ ବଡ଼ ବସ୍ତା ରହିଥିବା ପୋଲିସ ଦେଖିବାକୁ ପାଇଥିବା ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣା ପଡ଼ିଥିଲା । ଏହାପରେ ଗାଡ଼ି ସହିତ ଡ୍ରାଇଭର ଟୁନୁ ନାୟକ କୁ ଗିରଫ କରିଥିଲା । ଆଜି ଗିରଫ ଅଭିଯୁକ୍ତକୁ ଫୁଲବାଣୀ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଶ୍ରୀ ମାଝୀ ପ୍ରକାଶ କରି ଏନେଇ ଦାରିଙ୍ଗବାଡି ଥାନାରେ କେସ ନମ୍ବର ୬୬/୨୨ରେ ମାମଲା ରୁଜୁ କରାଯାଇ ଏନଡି ପି ଏସ ଆକ୍ଟ ୧୯୮୫ ୨୦(ବି)(ସସ) ସି ଅନୁଯାୟୀ ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ଗ୍ରୀଷ୍ମ ପ୍ରବାହ ପରିଚାଳନା ନିମନ୍ତେ ଦିନିକିଆ ତାଲିମ ଶିବିର

ବଲାଙ୍ଗୀର ,୧୪/୦୪ (ନି.ପ୍ର): ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ବଲାଙ୍ଗୀର ଠାରେ ଗ୍ରୀଷ୍ମ ପ୍ରବାହ ଜନିତ ପରିଚାଳନା ସମ୍ପର୍କରେ ଦିନିକିଆ ତାଲିମ ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଚଞ୍ଚଲ୍ ରାଣା ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଜିଲ୍ଲାର ସମସ୍ତ ବିଭାଗ ଅଧିକାରୀ ମାନେ ସେମାନଙ୍କ ବିଭାଗରେ ଗ୍ରୀଷ୍ମ ମୁକାବିଲା ନିମନ୍ତେ କଣ ପଦକ୍ଷେପ ନିଆଯାଇଛି ଜନସାଧାରଣଙ୍କ ପକ୍ଷରେ ସୁବିଧା ସୁଯୋଗ ପ୍ରଦାନ କରିବେ ତା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲାପାଳ ଅନନ୍ତ ସିଂ ଲାଗୁରୀ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୁଶାନ୍ତ କୁମାର ସିଂହ, ଜିଲ୍ଲା ସହର୍ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ ଅନ୍ୟତମ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀମତୀ ରିନା କୁମାରୀ ନାଏକ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ କାର୍ଯ୍ୟ ଖସଡା ଉପରେ ପ୍ରାଞ୍ଜଳ ଭବରେ ଧାରଣା ଦେଇଥିଲେ । ଏଥିରେ ଜିଲ୍ଲା ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ଗୀତାଞ୍ଜଳି ସା , ଜିଲ୍ଲା ବିପର୍ଯ୍ୟୟ ବିପଦ ହ୍ରାସ ପରାମର୍ଶ ଦାତା ବିକାଶ ରଞ୍ଜନ କର ଶିଖା ଅଧିକାରୀ କେଶବ ଚନ୍ଦ୍ର ମେହେର ଚିକିତ୍ସା ଅଧିକାରୀ ଡାଃ ନମିତା ମିଶ୍ର ପ୍ରାଞ୍ଜଳ ଭବରେ ବିପର୍ଯ୍ୟୟ ର ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଚିକିତ୍ସା ଅଧିକାରୀ ଅନ୍ୟ ବିଭାଗୀୟ ମୁଖ୍ୟ ମାନେ ନିଜ ସ୍ତରରେ ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ପ୍ରକାଶ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଜରୁରୀକାଳୀନ କର୍ମଚାରୀ ସହଯୋଗ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଶ୍ରୀମତୀ ଗୀତାଞ୍ଜଳି ସା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜଗଦୀଶ ପ୍ରସାଦ ଯୋଶୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ମୃତି ଚାରଣ ସ୍ୱତନ୍ତ୍ର ଉତ୍ସବ ପାଳିତ

ନୂଆପଡ଼ା,୧୪/୦୪ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ଭେଲା ଗ୍ରାମ ସ୍ଥିତସ୍ୱାଧୀନ ସଂଗ୍ରାମୀ ଜଗଦୀଶ ପ୍ରଶାଦ ଯୋଶୀଙ୍କ ସ୍ମୃତି ଚାରଣ ସ୍ୱତନ୍ତ୍ର ଉତ୍ସବ ପାଳିତ ହୋଇଯାଇଅଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ କଳହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗ ଦେଇ ସ୍ୱାଧୀନ ସଂଗ୍ରାମର ଦୀକ୍ଷା ଭୂମିରେ ସ୍ୱାଧୀନତାର ବିପ୍ଳବ ଜଗଦୀଶ ଯୋଶୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ରୂପେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ମୁଖ୍ୟବକ୍ତା ରୂପେ ଡ଼ଃ. ମେଜର ରାମଚନ୍ଦ୍ର ମିଶ୍ର, ଯୋଗବଦେଇଥିବା ବେଳେ ଟ୍ରଷ୍ଟ ସଭାପତି ବିଶ୍ୱମ୍ଭର ଯୋଶୀ ସଭପତିତ୍ୱ କରିଥିଲେ । ସ୍ମୃତି ଚରଣ ସ୍ୱତନ୍ତ୍ର ଉତ୍ସବରେ ଜଗଦୀଶ ଯୋଶୀଙ୍କ ଆଯାଦକୀ ଅମୃତ ମହୋତ୍ସବ ଉପଲକ୍ଷେ ତାଙ୍କ ତୈଳ ଚିତ୍ର ଜନପଥ ରେ ସ୍ଥାନୀତ ପାଇଥିବା ବେଳେ ଏହାର ପ୍ରଚ୍ଛଦ ପଛରେ ଥିବା ବ୍ୟକ୍ତଙ୍କୁ ସମ୍ମାନିତ କରିଥିଲେ । ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ସମ୍ମାନିତ କରିଛନ୍ତି । ବିଶ୍ୱମ୍ଭର ଯୋଶୀଙ୍କ ରଚିତ ପାଂଚଜନ୍ୟ ପୁସ୍ତକ ମୁଖ୍ୟ ଅତିଥି ଙ୍କ କରକମଳରେ ଉନ୍ମୋଚନ ହୋଇଥିଲା । ଟ୍ରଷ୍ଟ ପକ୍ଷରୁ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ଯୋଶୀଙ୍କ ସ୍ମୃତି ରେ ସ୍ମୃତିସ୍ତମ୍ଭ, ଏକ ଶିଶୁ ଉଦ୍ୟାନ,ପାଠାଗାର ଏବଂ ସଂଗ୍ରାହାଳୟରେ ନେଇ ୨.୫୦ ଜମି ରହିଛି ।

## ରସାୟନ ବିଜ୍ଞାନ ବିଭାଗରେ ସେମିନାର

ନୂଆପଡ଼ା,୧୪/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ୱଂୟଶାସିତ ମହାବିଦ୍ୟାଳୟ ଠାରେ ରାସାୟନିକ ବିଜ୍ଞାନ ବିଭାଗ ତରଫରୁ ପ୍ରଦ୍ୟୁଷଣ ମଣିଷ ଜୀବନ ପାଇଁ ବିପଦ ଶିର୍ଷକ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଅଧକ୍ଷ ଶ୍ରୀ ଗଙ୍ଗାଧର ପାଣିଗ୍ରାହୀ ଉଦଘାଟନ କରିଥିବା ବେଳେ ଗଣିତ ବିଭାଗ ମୁଖ୍ୟ ହରେକୃଷ୍ଣ ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ । ପ୍ରଥମେ ପ୍ରଦୀପ ପ୍ରଜ୍ଜଳନ ପରେ ବିଭାଗୀୟ ମୁଖ୍ୟ ଡ. ତରୁଣ କୁମାର ପ୍ରଧାନ ସାଗତ ଭାଷଣ ଦେଇଥିଲେ । ପରେ ପରେ ବିଭାଗର ଅଧାପୀକା ରାଜଲକ୍ଷ୍ମୀ ରଥ ଦେବଙ୍କିତା ମେହେର, ଲିପସା ନାରିକ, ପ୍ରମୁଖ ପ୍ରଦୁଷଣ ମୁକ୍ତ ସମାଜ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏହାପରେ ସମ୍ମାନ ଦ୍ୱିତୀୟ ବର୍ଷ ଛାତ୍ରୀ ସାରା ସେନାପତି ବାୟୁ ପ୍ରଦ୍ୟୁଷଣ ଧାନଚାନ୍ଦ ରଣା, ଜଳ ପ୍ରଦ୍ୟୁଷଣ ମାଧବୀ ଛୁରା, ମୃର୍ତ୍ତିକା ସଂରକ୍ଷଣ ଓ ତାର ପ୍ରତିକାର ଉପରେ ଦ୍ୱାପନ ପାୱାର ପଏଂଟ ମାଧ୍ୟମରେ ରଖୁଥିଲେ । ଶେଷରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ପରେ ନିଶିଥ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

କୋରେଇ,୧୪/୦୪ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସଙ୍ଗଠନ ବରିଷ୍ଠ ନାଗରିକ ମଂଚ ଓ ଭୂମିକା ଚକ୍ଷୁ ହସପିଟାଲ ଜାରକାର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ପାଣିକୋଇଲି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କୋରାଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ମଂଚର ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଶ୍ରୀ ବଳ ଯୋଗଦେଇ ସମାଜର କେତେକ ଅଚେତନଶୀଳ ମୁଷ୍ଟିମେୟ ବ୍ୟକ୍ତି ବରିଷ୍ଠ ନାଗରିକ ମାନଙ୍କୁ ଉପେକ୍ଷା କରୁଥବାର ଦୃଷ୍ଟି ଗୋଚର ହେଉଛି, ସେମାନେ ଯେ ସମାଜର ଏକ ପ୍ରୟୋଜନୀୟ ଗୋଷ୍ଠୀ, ଅଭିଜ୍ଞତାର ଏକ ବିରାଟ ଭଣ୍ଡାର ତାକୁ ସ୍ୱୀକାର କରିବାକୁ ପଡିବ । ନାଗରିକ ମଂଚର ଏ ପ୍ରକାର ଉଦ୍ୟମକୁ ପ୍ରସଂଶା କରିବା ସହ ଅସମ୍ପୂର୍ଣ୍ଣ ଗୃହଙ୍କୁ ପୂର୍ଣ୍ଣ କରିବାକୁ ପ୍ରତିଶୃତି ଦେଇଥିଲେ । ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଯୋଗଦେଇ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ବିଭିନ୍ନ ସମୟରେ ନିଆଯାଉଥିବା ପଦକ୍ଷେପକୁ ଭୂୟସୀ ପ୍ରସଂଶା କରଇଥିଲେ । ଅନ୍ୟତମ ଅତିଥିଭାବେ ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା ଯୋଗଦେଇ ନାଗରିକ ମଂଚର ଏତାଦୃଶ କାର୍ଯ୍ୟକୁ ପ୍ରସଂଶା କରିଥିଲେ । ଏହି ଅବସରରେ ସମାଜସେବୀ ସୂର୍ଯ୍ୟମଣି ପଣ୍ଡା ଯୋଗଦେଇ ସମସ୍ତଙ୍କ ବରିଷ୍ଠ ମାନଙ୍କୁ ମିଷ୍ଟାନ୍ନ ବଂଟନ କରିଥିଲେ । ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଭୂମିକା ହସ୍ପିଟାଲ ପକ୍ଷରୁ ସଂଚାଳକ ଅକ୍ଷୟ କୁମାର ବେହେରା, ଅଭିଲିପ୍ସା ମହାରଣା, ସସ୍ମିତା ମହାନ୍ତ, ଭାଗ୍ୟଲକ୍ଷ୍ମୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୧୫ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ସ୍ଥିର କରାଯାଇଥିଲା । ମଂଚ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଉମାକାନ୍ତ ଖଣ୍ଡାଇ, ରାମ ଚନ୍ଦ୍ର ବେହେରା, ଅଦୈତ ଚରଣ ଦାଶ, ରାମ ଚନ୍ଦ୍ର ମଲିକ, ବୃନ୍ଦବାନ ଜେନା, ଗୋଲକ ସାହୁ, ନାରାୟଣ ସାହୁ, ବସନ୍ତ ବେହେରା, ଗୌରାଙ୍ଗ ବାରିକ, ପୁରସ୍ତମ ବାରିକ, ରାଜକିଶେଶର ଦାସ, ଶତୃଘ୍ନ ନାୟକ, ରାମକୃଷ୍ଣ ମଲିକ, ଭରତ ବାରିକ, ସୁରେନ୍ଦ୍ର ସେଠୀ, ଅଭିରାମ ବାରିକ, ପ୍ରହଲ୍ଲାଦ ଜେନା, ରବିନ୍ଦ୍ର ସାହୁ, ସୁଦର୍ଶନ ପହୀ, ପ୍ରତିମା ସୁନ୍ଦରୀ ମହାପାତ୍ର ଓ ଆମେ ବିପଦରେ ସଥି ସଙ୍ଗଠନ ପକ୍ଷରୁ ସହଯୋଗ କରାଯାଇଥିଲା ।

# ସ୍ୱାମୀଙ୍କୁ ଆକ୍ରମଣ ସହ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ ଘଟଣାର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା

ଧର୍ମଶାଳା,୧୪/୦୪ (ନି.ପ୍ର): ଘର ଭିତରୁ ସ୍ତ୍ରୀର ମୃତ ଦେହ ସହ ସ୍ୱାମୀଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର ଉଦ୍ଧାର ହୋଇଥିଲା । ଏହି ଘଟଣାରେ ଜମିବାଡି ବିବାଦକୁ ନେଇ ହୋଇଥିଲା ଅଭିଯୋଗ । ତେବେ ଏହି ଘଟଣାର ଶବ ବ୍ୟଚ୍ଛେଦ ରିପୋର୍ଟ ଆସିଛି । ଚଳିତ ମାସ ୧୦ ତାରିଖ ଦିନ ଯାଜପୁର ଜିଲା ଧର୍ମଶାଳା ଥାନା ପାଟପୁର ପଂଚାୟତ ଅନ୍ତର୍ଗତ ପାଣିମୁହାଣୀ ଗ୍ରାମରେ ଏଭଳି ଘଟଣା ଘଟିଥିଲା । ଶବ ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା ନୁହେଁ ବୋଲି ସୂଚନା ମିଳିଛି । ମୃତ ମହିଳା ପାଣିମୁହାଣୀ ଗ୍ରାମର ବିଜୟ ନାୟକଙ୍କ ସ୍ତ୍ରୀ ବିନି । ତେବେ ବିନିର କିପରି ମୃତ୍ୟୁ ଘଟିଲା ଏନେଇ ଧର୍ମଶାଳା ପୁଲିସ ତଦନ୍ତ ଜାରି ରଖିଛି । ତେବେ ସ୍ୱାମୀ କରିଥିବା ଅଭିଯୋଗ ମିଛ ନା ଏହା ପଛରେ ଆଉ କଣ ରହସ୍ୟ ରହିଛି ସେ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ସୂଚନା ମୁତାବକ ବିଜୟଙ୍କ ଅଭିଯୋଗ କ୍ରମେ ଚଳିତ ମାସ ୯ ତାରିଖ ଦିନ ଜମିବାଡି ବିବାଦକୁ କେନ୍ଦ୍ର କରି କିଛି ପଡୋଶୀ ସେମାନଙ୍କ ଘରେ ପଶି ବିଜୟକୁ ମାରିବା ସହିତ ସ୍ତ୍ରୀ ବିନିକୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ବିନିର ମୃତ୍ୟୁ ଘଟିଥିବା ବେଳେ ବିଜୟ ଗୁରୁତର ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଥିଲେ । ଧର୍ମଶାଳା ଥାନାରେ ୪/୫ଜଣ ମିଶି ଏଭଳି ଘଟଣା ଘଟାଇଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିଲା । ତେବେ ଏହି ଘଟଣାରେ ପୁଲିସ ଏହି ଗ୍ରାମର ୫ଜଣ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଥିଲା । ଏହି ଆକ୍ରମଣ ଘଟଣାରେ ବିଜୟ ଏବଂ ପତ୍ନୀଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ଦେଖିବାକୁ ମିଳିଥିଲା । ଏପରିକି ଘଟଣା ଦିନ ରାତିରେ ହୋଇଥିବା ପାଟିତୁଣ୍ଡ ଘଟଣାରେ ଗ୍ରାମବାସୀ ମଧ୍ୟ ଜାଣି ପାରି ନ ଥିଲେ । ଯେଉଁଠି ପାଇଁ ପୁଲିସର ସନ୍ଦେହ ରହିଥିଲା । ସ୍ୱାମୀ ବିଜୟଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲା । ତେବେ ସେଦିନ ରାତିରେ କଣ ଘଟିଲା ? ବିନିଙ୍କର ମୃତ୍ୟୁ ଘଟିଲା କିପରି ? ସ୍ୱାମୀ ବିଜୟ ଆଣିଥିବା ଅଭିଯୋଗ କଣ ମିଛ ନା ଏହାର ପଛରେ ଆଉ କଣ ରହସ୍ୟ ଅଛି ? ଏଭଳି ନାନା ପ୍ରଶ୍ନ ଉଙ୍କି ମାରୁଛି । ଏପଟେ ଏହି ଘଟଣାକୁ ପୁଲିସ ଗୁରୁତର ସହ ନେଇ ଏହାର ରହସ୍ୟ ଉନ୍ମୋଚନ କରିବା ଦିଗରେ ତଦନ୍ତକୁ ଆଗକୁ ନେଉଥିବା କହିଛି ଧର୍ମଶାଳା ପୁଲିସ ।

# ମାମଲା ରୁଜୁ କରିବାକୁ ସୁକିନ୍ଦା ପୁଲିସ କୁନ୍ଥୁକୁନ୍ଥୁ : ଏସପିଙ୍କୁ ଭେଟିଲେ ପୀଡିତ

କୋରେଇ,୧୪/୦୪ (ନି.ପ୍ର): ସର୍ବସାଧାରଣ ରାସ୍ତା ଘାଟ ବନ୍ଦ କରି ଏକ ଘରିକିଆ କରି ସମାଜିକ ବାଛନ୍ଦ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରି ଗାଁରୁ ବଳପୂର୍ବକ ବାହାର କରିଦେବା ସମ୍ପର୍କରେ ଏତଲା ପଂଜୀକୃତ କରି ଆକ୍ରମଣକାରି ଓ ହତ୍ୟା ଯୋଜନା କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆସି ପାଣିକୋଇଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ପିଡତ ବିଶ୍ୱନାଥ ପାତ୍ର ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ମୂଳଖନ୍ଧ ଗ୍ରାମରେ ମାଚ୍ଚ ୧୭ ତାରିଖ ଅଷ୍ଟପ୍ରହରୀ ଚାଲିଥିବା ବେଳେ ଶିକ୍ଷକ ଅଭୟ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବିଷ୍ଣୁ ପାତ୍ର ବିଶ୍ୱନାଥ ପାତ୍ରଙ୍କୁ କାହିଁକି ଏଠାକୁ ଆସଛୁ ତୁ ଛୋଟ ଜାତିରେ ବିବାହ କରିଛୁ କହି ଗାଳିଗୁଲଜ କରିବା ସାହ ମାଡ ମାରି ମରଣାନ୍ତକ ଆକ୍ରମଣ କରିଥିଲେ । ୧୯ ତାରିଖ ବଉଳପାଳ ଗ୍ରାମର ଅଭୟ ପାତ୍ର, ଚକ୍ରଧର ପାତ୍ର ମୁଳଖନ୍ଧ ଗ୍ରାମର ବିଷ୍ଣୁ ପାତ୍ର, ସନାତନ ପାତ୍ର, ସୁଦର୍ଶନ ପାତ୍ର ୫/୧୦ ଜଣଙ୍କ ମାରଣାସ୍ତ୍ର ସହ ଘରେ ପଶି ବିଶ୍ୱନାଥଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ଫଳରେ ଭୟରେ ବିଶ୍ୱନାଥ ଗାଁ ଛାଡି ଦେଇଥିଲେ । ଏନେଇ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ମାମଲା ରୁଜୁ ବି ପୁଲିସ କରିନଥିଲା । ଫଳରେ ପୁନଃର୍ବାର ୩୧ ତାରିଖ କେତେକ ବ୍ୟକ୍ତି ପହଂଚି ବିଶ୍ୱନାଥଙ୍କ ମା ଓ ପାବାପାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରି ଗାଁରୁ ବାହାର କରିଦେଇଥିଲେ । ଫଳରେ ସମ୍ପୂର୍ଣ୍ଣ ପରିବାର ଏବେ ଗାଁ ଛାଡି ବାହାରେ ରହୁଛନ୍ତି କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଫଳରେ ଭୟଭୀତ ଅବସ୍ଥାରେ ଗାଁ ଛାଡି ବାହାରେ ଦୁଖଃରେ କାଳତିପାତ କରୁଛନ୍ତି ସମ୍ପୂର୍ଣ୍ଣ ପରିବାର । ଏନେଇ ତଦନ୍ତ କରାଯାଇ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ବିଶ୍ୱନାଥ । ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ ମଧ୍ୟ ଏନେଇ ଏସପିଙ୍କୁ ଭେଟଛନ୍ତି । ସୁକିନ୍ଦା ଥାନାଧିକାରୀଙ୍କୁ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ଆଜାଦୀର ଅମୃତ ମହୋତ୍ସବ ଉପଲକ୍ଷେ ବଲାଙ୍ଗିରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ବଲାଙ୍ଗୀର ,୧୪/୦୪ (ନି.ପ୍ର): ଭାରତ ସରକାରଙ୍କ ନୀତି ଆୟୋଗ ନିର୍ଦ୍ଦେଶ ମୁତାବକ ଜିଲ୍ଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯିବା କୁ ଅଜାଦି ର ଅମୃତ ମହୋତ୍ସବ ଉପଲକ୍ଷେ ଗତକାଲି ବଲାଙ୍ଗିର ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଷ୍ଟମ ରୁ ଦ୍ୱାଦଶ ଶ୍ରେଣି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ପ୍ରବନ୍ଧ ଲିଖନ ଚିତ୍ରକଳା ଓ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ବ୍ଲକ ମୁନିସିପାଲଟି ଏନଏସି ସବ୍ଡିଭିଜନ ସ୍ତରରେ ପ୍ରତିଯୋଗିତା କରାଯାଇ ଜିଲ୍ଲା ସ୍ତରକୁ କୃତି ଛାତ୍ରଛାତ୍ରୀ ବଛା ଯାଇ ଥିଲା । ଜିଲ୍ଲା ସ୍ତରରେ ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ ପ୍ରତିଯୋଗୀ ମାନଙ୍କୁ ନେଇ ଏହା କରାଯାଇ କୃତି ଛାତ୍ରଛାତ୍ରୀ ବଛା ଯାଇଛି ।

# ଇଟାଭାଟି ଧୂଆଁରେ ଅତିଷ୍ଠ ଗ୍ରାମାବସୀଙ୍କ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡା,୧୪/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅଧିନ ପଦ୍ମପୁର ପଂଚାୟତ ବିଚଣା ଗ୍ରାମର ଶତାଧିକ ଗ୍ରାମାବସୀ ଇଟାଭାଟି ବନ୍ଦ କରିବା ଦାବିରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦୋଇଥିବା ଜଣାପଡିଛି । ବୁଧବାର ବହୁ ସଂଖ୍ୟକ ଗ୍ରାମାବସୀ ଗୋଚର ଓ ସରକାରି ଜମିରୁ ମାଟିତାଡି ଇଟାଭାଟି କରି ବ୍ୟବସାୟ କରୁଥିବା ଜଣେ ଅବସର ପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରିବା ସହ ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ଏହିବ୍ୟକ୍ତି ଜଣକ ତହସିଲ କର୍ମଚାରୀଙ୍କୁ ହାତକରି ସରକାରୀ ଜମିରେ ଶହ ଶହ ସଂଖ୍ୟାର ଇଟାଭାଟି କରି ବ୍ୟବସାୟ କରୁଥିବା ଯୋଗୁଁ ଇଟାଭାଟି ଧୂଆଁରେ ଏହି ଗ୍ରାମାବସୀଙ୍କ ପରିବାର ଅକଥନୀୟ ଯନ୍ତ୍ରଣା ଭୋଗିବା ସହିତ ଘରେ ରହିପାରୁ ନାହାଁନ୍ତି । ଏହି ବାସିନ୍ଦା ମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାରଙ୍କୁ ଅଭିଯୋଗ କଲେ ମଧ୍ୟ ତହସିଲଦାର କୌଣସି ପଦକ୍ଷେପ ନନେବାରୁ ବୁଧବାର ଶତାଧିକ ମହିଳା ଓ ଶିଶୁ ମାନଙ୍କୁ ଧରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଥିଲେ । ସେଠାରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ଓ ଗରଦପୁର ତହସିଲଦାରଙ୍କ ସହ ଆଲୋଚନା କରି ମଧ ବିଫଳ ହୋଇଥିଲେ । ପୁଣି ଗ୍ରାମାବସୀ ମାନେ ସେଠାରେ ଧାରଣା ଦେଇଥିବା ବେଳେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ ଇଟାଭାଟି ବନ୍ଦ କରିବା ସହ ମାଲିକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜଣାଇଥିଲେ । ଜିଲ୍ଲାପାଳ ତଦନ୍ତ କଲାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

## ନାବାଳକ ଅପହରଣ ମାମଲା : ଯୁବକ ଗିରଫ

ଗଞ୍ଜାମ,୧୪/୦୪ (ନି.ପ୍ର): ନାବାଳକ ଅପହରଣ ମାମଲାରେ ଜଣେ ଯୁବକକୁ ଗିରଫ କରିଛି ବ୍ରହ୍ମପୁର ଟାଉନ୍ ଥାନା ପୋଲିସ । ନାବାଳକ ଜଣକୁ ପୋଲିସ ବ୍ରହ୍ମପୁର ରେଲୱେ ଷ୍ଟେସନରୁ ଉଦ୍ଧାର କରିଛି । ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଧନୀପୁର ଗ୍ରାମର ସଞ୍ଜୀବ ବିଶ୍ୱାଳ ଏହି ନାବାଳକକୁ ଅପହରଣ କରି ନେଇ ଆସିଥିଲା । ପୋଲିସ ସମ୍ପୃକ୍ତ ନାବାଳକକୁ ଉଦ୍ଧାର କରିବା ସହ ଅପହରଣକାରୀକୁ ଗିରଫ କରି ଆଜି ପୋକ୍ସୋ କୋର୍ଟରେ ହାଜର କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ।



# ଜୟ ହନୁମାନ ଜ୍ଞାନ ଗୁନ ସାଗର......



ପିସି ସରକାର ଲେନ୍,
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଦେବଭୂମି ଭାରତ। ଭାରତୀୟ ସଂସ୍କୃତିରେ ବିଭିନ୍ନ ଦେବ ଦେବୀଙ୍କ ଉପାସନା ପ୍ରଚଳିତ ଏବଂ ଏହି ଦେବଦେବୀଙ୍କ ମଧ୍ୟରେ ହନୁମାନଙ୍କ ଲୋକପ୍ରିୟତା ସର୍ବାଧିକ। ସେ ଏକାଧାରରେ ଜ୍ଞାନୀ, ଗୁଣୀ, ସିଦ୍ଧିଦାତା, ବଳବାନ ଓ ଦୁଷ୍ଟ ବିନାଶକ। ବଜରଙ୍ଗବଲୀଙ୍କ ନାମ ସ୍ମରଣ ମାତ୍ରେ ଘୁଞ୍ଚିଯାଏ ବିପଦ। ଅଞ୍ଜନା ପୁତ୍ର, କେଶରୀ ନନ୍ଦନ, ପବନ ପୁତ୍ର, କପିଶ୍ରେଷ୍ଠ ତାଙ୍କର ଆଉ ଗୋଟିଏ ଗୋଟିଏ ଶ୍ରଦ୍ଧା ପୂର୍ବକ ଉଚ୍ଚାରଣ ହୋଇଥିଲେ ହେଁ ରାମ ଭକ୍ତ ହନୁମାନ ଉଚ୍ଚାରଣରେ ସେ ସନ୍ତୋଷ ଲାଭ କରନ୍ତି। ଚିରଞ୍ଜୀବୀ, ନିତ୍ୟ ପୂଜ୍ୟ ମହାବୀର ହନୁମାନଙ୍କ ଜନ୍ମ ସଂପର୍କରେ ଋକ ବେଦ, ବ୍ରହ୍ମାଣ୍ଡ ଓ ବ୍ରହ୍ମ ବୈବର୍ତ୍ତ ପୁରାଣ, ବାୟୁ ପୁରାଣ, ସ୍କନ୍ଦ ପୁରାଣ, ରାମାୟଣ ଓ ମହାଭାରତତାଦି ବିଭିନ୍ନ ଗ୍ରନ୍ଥରେ ବ୍ୟାପକ ବର୍ଣ୍ଣନା ରହିଛି। ସମୁଦ୍ର ମନ୍ଥନ ପରେ ଭଗବାନ ବିଷ୍ଣୁ ଦିବ୍ୟ ମୋହିନୀ ରୂପ ଧରି ଦେବଗଣଙ୍କୁ ଅମୃତ ପରଶୁଥିବା ବେଳେ ତାଙ୍କୁ ନିରୀକ୍ଷଣ କରି ଶିବଙ୍କର ତେଜସ୍ଖଳିତ ହେଲା। ଋଷିମାନେ ତାହାକୁ ପତ୍ରପଟୁରେ ସଂଗ୍ରହ କରିଥିଲେ। ବାୟୁଦେବ ସେହି ଶିବତେଜକୁ ନେଇ କେଶରୀଙ୍କ ପତ୍ନୀ ଅଞ୍ଜନାଙ୍କ କର୍ଣ୍ଣ ମାଧ୍ୟମରେ ତାଙ୍କ ଦେହରେ ପ୍ରବେଶ କରାଇଥିଲେ। ଦେବୀ ଅଞ୍ଜନା ମଧ୍ୟ ଶିବଙ୍କୁ ସ୍ତୁତି କରି ବରଦାନ ପାଇଥିଲେ। ଯାହାଫଳରେ ଶିବଙ୍କ ତେଜରୁ ଏକାଦଶ ରୁଦ୍ର ରୂପେ ହନୁମାନଙ୍କ ପରି ସର୍ବଗୁଣ ସମ୍ପନ୍ନ ପୁତ୍ର ଲାଭ ହୋଇଥିଲା। ପୁରାଣରେ ଏହା ମଧ୍ୟ ବର୍ଣ୍ଣିତ ଯେ ଅଞ୍ଜନା ପୂର୍ବଜନ୍ମରେ ପୁଞ୍ଜିକସ୍ଥଳା ନାମ୍ନୀ ଅପ୍ସରା ଥିଲେ ଏବଂ ଋଷି ଅଭିଶାପଗ୍ରସ୍ତା ଥିଲେ। ସେ ଯେତେବେଳେ ମାନବୀ ରୂପ ଧରି ସୁମେରୁ ଶିଖରରେ ବିହାର କରୁଥିଲେ ସେତେବେଳେ ତାଙ୍କ ରୂପ ଲାବଣ୍ୟ ସଂଦର୍ଶନ କରି ବାୟୁଦେବ ମଧ୍ୟ ଆକର୍ଷିତ ହୋଇ କେଶରୀଙ୍କ ଶରୀରରେ ମଧ୍ୟ ପ୍ରବେଶ କରିଥିଲେ। ବାୟୁଶକ୍ତି ବିଲକ୍ଷଣ ଗତିମାନ, ଚପଳ ଓ ଅମାପ ଶକ୍ତିସଂପନ୍ନ ଥିଲେ ହନୁମାନଙ୍କ ପିତା କେଶରୀ। ଆନନ୍ଦ ରାମାୟଣ ଅନୁଯାୟୀ ପୁତ୍ରେଷ୍ଟି ଯଜ୍ଞରେ ଅଗ୍ନିଦେବଙ୍କ ଠାରୁ ତିନୋଟି ପିଣ୍ଡ ଦଶରଥଙ୍କୁ ମିଳିଥିଲା। ସେଗୁଡ଼ିକ ତିନି ରାଣୀଙ୍କୁ ପ୍ରଦାନ କରାଯାଇଥିଲା। କୈକେୟୀ କ୍ରୋଧିତା ଥିବାରୁ ନିଜ ଭାଗ ପିଣ୍ଡଟି ନେଲେ ନାହିଁ। ତାଙ୍କ ଭାଗଟି ପଡ଼ି ରହିଥିବା ବେଳେ ତାହାକୁ ଗୋଟିଲ ଚିଲ ଝାମ୍ପି ନେଇ ଅନ୍ୟତ୍ର ପକାଇ ଦେଇଥିଲା। ଯାହାକୁ ପାଇ ଖାଇବା ପରେ ଅଞ୍ଜନା ଗର୍ଭବତୀ ହୋଇଥିଲେ। ଦୁଇଟି ପିଣ୍ଡ ଖାଇଥିବା ତିନି ରାଣୀଙ୍କ ଗର୍ଭରୁ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଅର୍ଦ୍ଧ ପିଣ୍ଡରୁ ଜନ୍ମ ନେବାବେଳେ ପୂର୍ଣ୍ଣ ପିଣ୍ଡରୁ ଜନ୍ମ ହୋଇଥିଲେ ହନୁମାନ। ହନୁମାନଙ୍କୁ ନେଇ ଅନେକ କଥା କାହାଣୀ ରହିଛି।

ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ। ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା। ପ୍ରଭୁ ରାମଚନ୍ଦ୍ରଙ୍କୁ ସୁଖୀ କରିବା, ତାଙ୍କର ମୁହଁରେ ହସ ଫୁଟାଇବା, ତାଙ୍କ ଇଚ୍ଛା ପରିପୂରଣ କରିବା ଛଡ଼ା ଅନ୍ୟ କୌଣସି ଚାହିଦା ଭକ୍ତ ହନୁମାନଙ୍କର ନଥିଲା। ଏହି ପଥରେ ଆତ୍ମ ନିୟନ୍ତ୍ରଣ, ଭଗବାନ ଲାଭ, ସୁଖ ଓ ଶାନ୍ତି, ଆନନ୍ଦ, ଜୟ, ଯଶ, ଐଶ୍ୱର୍ଯ୍ୟ, ସାଫଲ୍ୟ ଓ ସାର୍ଥକତା ସବୁକିଛି ହନୁମାନଙ୍କ କରତଳଗତ ହୋଇଉଠିଥିଲା ଓ ସେ ଅଷ୍ଟସିଦ୍ଧି ଓ ନବନିଧିର ଦାତା ହୋଇଉଠିଥିଲେ। କୁରୁକ୍ଷେତ୍ର ସମରରେ ଭଗବାନ କ୍ରୀଷ୍ଣ ଭକ୍ତବୀର ଅର୍ଜୁନଙ୍କୁ ଗୀତାର ମାହାତ୍ମ୍ୟ ବୁଝାଇଥିବା ସମୟରେ ଭକ୍ତକୁଳତିଳକ ହନୁମାନ ସେହି ରଥର ଶିଖରରେ ବସିଥିଲେ ଓ ସେହିରଥକୁ କପିଧ୍ୱଜ କୁହାଯାଏ। ଜୟଶ୍ରୀ ରାମ। ଜୟ ଶ୍ରୀ ହନୁମାନ।

# ମହାବୀରଙ୍କୁ ପୂଜା କରିବେ କିପରି



ଯୁଧିଷ୍ଠିର ମହାରଣା

## ଶ୍ରୀ ହନୁମନ୍ତ ସ୍ତୋତ୍ର

*ପ୍ରଥମେ ସାମ୍ନାରେ ଶ୍ରୀ ବୀରହନୁମାନଙ୍କର ମୂର୍ତ୍ତି କିମ୍ବା ଫଟୋ ରଖନ୍ତୁ। ଏଥିରେ ପୂର୍ବୋକ୍ତ ଅନୁସାରେ ଫୁଲ, ଚନ୍ଦନ, ଧୂପ, ପ୍ରଦାନ କରନ୍ତୁ। ଏହାଙ୍କୁ ଭକ୍ତି ସହକାରେ ଧ୍ୟାନ କରି ଶ୍ରଦ୍ଧାର ସହ ପ୍ରଣାମ କରନ୍ତୁ ତା'ପରେ ପାଠ କରନ୍ତୁ।*

*ଓଁ ହନୁମନ୍ତେ ନମଃଫ ଅଞ୍ଜନା ଗର୍ଭ ସଂଭୂତ କପୀନ୍ଦ୍ରଅ ସବୀବୋତ୍ତମ।*
*ରାମ ପ୍ରିୟ ନମସ୍ତୁଭ୍ୟଂ ହନୁମାନ୍ ରକ୍ଷ ସର୍ବଦା।।*
*ମର୍କଟେସ ମହୋତ୍ସାହ ସର୍ବଶୋକ ବିନାଶନ।*
*ଶତ୍ରୁନ୍ ସଂହାରମାଂ ରକ୍ଷଶ୍ରୀୟଂ ଦାପୟମେପ୍ରଭୋ।।*
*ଜୟଖ୍ୟାତି ବଳରାମ ଲକ୍ଷ୍ମଣଶ୍ଚ ମହାବଳଃ।*
*ରାଜା ଜୟତି ସୁଗ୍ରୀବୋ ରାଘବେଣାଭି ପାଳିତଃ।।*
*ଦାସୋଇହଂ କୋଶଳେନ୍ଦ୍ରସ୍ୟ ଭୀମସ୍ୟ କ୍ଳିଷ୍ଟ କର୍ମଣଃ।*
*ହନୁମାନ ଶତ୍ରୁ ସନ୍ୟାନାଂ ନିହନ୍ତା ମାରୁତାତ୍ମକଃ।।*
*ନ ରାବଣ ସହସ୍ରଂମେ ଯୁଦ୍ଧେ ପ୍ରତିବଳଂ ଭବେତ।*
*ଶିଳାଭିଶ୍ଚ ପ୍ରହରତଃ ପାଦପୈଶ୍ଚ ସହସ୍ରଶଃ।।*
*ସଦେବୀ ନିତ୍ୟଂ ପରିତପ୍ୟ ମାନ।*
*ତ୍ୱାମେବ ସୀତେ ତ୍ୟଭିଭାଷମାଣଃ।।*
*ଧୃତବ୍ରତୋ ରାଜସୂତୋ ମହାତ୍ମା।*
*ତଥୈବ ଲାଭାୟ କୃତପୟନ୍ତଃ।।*

*ଏହାକୁ ପଠନ କଲାପରେ କେତେଦିନ ପରେ ନିଶ୍ଚୟ ସୁଫଳ ମିଳିବ।*

ଶିବଙ୍କର ଏକାଦଶ ଅବତାର ଅଞ୍ଜନା ସୁତ ହନୁମାନଙ୍କୁ ଜୀବିତ ରହି ସଂସାରର ମଙ୍ଗଳ ସାଧନ ପାଇଁ ବିଧି ନିର୍ଦ୍ଦେଶ ରହିଛି। ଏଣୁ ହନୁମନ୍ତଙ୍କୁ ସ୍ତୁତି, ପ୍ରାର୍ଥନା ଏବଂ ପୂଜାକଲେ ସେ ତତ୍‌କ୍ଷଣାତ ଫଳ ପ୍ରଦାନ କରିଥାଆନ୍ତି। ଗୃହରେ ଦେବାର୍ଚ୍ଚନା ସକାଶେ ପୂଜାକର୍ମ ସର୍ବଦା ଆନନ୍ଦ ମନରେ ପଞ୍ଚୋପଚାରରେ କରାଯିବା ଉଚିତ। ସେହି ପଞ୍ଚୋପଚାର ଯଥା ଧୂପ, ଦୀପ, ପୁଷ୍ପ, ଚନ୍ଦନ ଓ ନୈବେଦ୍ୟ। ଏହା ବ୍ୟତୀତ ସ୍ୱଗୃହରେ ପୂଜାରେ ନିର୍ମିତ ବସ୍ତୁ ପ୍ରତି ଧ୍ୟାନ ଦେବା ନିତାନ୍ତ ବାଞ୍ଛନୀୟ। ପୂଜା ସମୟରେ ପରିଷ୍କାର ବସ୍ତ୍ର ତଥା ପାଟ, ମଠା, ମକୁଟା ଅଥବା ଶୁଭ୍ର ହେବା ବିଧେୟ। ପୂଜାରେ ରଙ୍ଗୀନ ବସ୍ତ୍ର ପରିତେଜ୍ୟ ଓ ସ୍ୱଗୃହରେ ଦେବତାଙ୍କ ଆସ୍ଥାନ ପାଇଁ ବିଶେଷ ଭାବେ ଐଶ୍ୱାନ୍ୟ କୋଣ ହେବା ଆବଶ୍ୟକ। ଦେବତାମାନେ ପଶ୍ଚିମାଭିମୁଖୀ ହୋଇ କାଷ୍ଠ ଆସନରେ ଉପବିଷ୍ଟ ହେବେ। ଦେବାର୍ଚ୍ଚନ ପାଇଁ ପଥର, ମାଟି, ପିତଳ, କାଚ, କଦଳୀ କିମ୍ବା ପଣସ ପତ୍ରରେ ନୈବେଦ୍ୟ ସମର୍ପଣ ପାଇଁ ଉପଯୁକ୍ତ।

ସୁବାସିତ, ସଦ୍ୟ ପ୍ରସ୍ଫୁଟିତ ଫୁଲ, ଦେବ ପ୍ରତିମା କିମ୍ବା ଚିତ୍ରପଟରେ ଲାଗି ଯୋଗ୍ୟ। ବାସ୍ନାହୀନ, ଅଫୁଟା, ଭୂମିରୁ ସାଉଁଟି ଅଣାଯାଉଥିବା ପୁଷ୍ପ ମାଗିକରି ଅଣାଯାଇଥିବା ପୁଷ୍ପ ଦେବଯୋଗ୍ୟ ନୁହେଁ। ବିଷ୍ଣୁଙ୍କର ପ୍ରିୟ ତୁଳସୀ, ଶିବଙ୍କର ବେଲପତ୍ର। ଚମ୍ପା, ଶ୍ୱେତପଦ୍ମ, ଅଶୋକ, ଅଁଳା, କୁଶ, ଦୂବ, ଅପାମାର୍ଗ, ଧଳା, କଳା ଅପରାଜିତା ଅଗସ୍ତୀପତ୍ର ଦେବତାଙ୍କୁ ଅର୍ପଣ କଲେ ଆଶାତୀତ ଫଳ ମିଳିଥାଏ। ଧୂପ ଦେବତା ଓ ମନୁଷ୍ୟ ମଧ୍ୟରେ ଦେବତାଙ୍କୁ ଆକର୍ଷିତ କରି ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ। ବାୟୁମଣ୍ଡଳକୁ ଶୁଦ୍ଧ ନିମିତ୍ତ ଦେବତାଙ୍କ ଆଘ୍ରାଣ ପାଇଁ ବିବିଧ ସୁବାସିତ ଦ୍ରବ୍ୟରେ ପ୍ରସ୍ତୁତ ଧୂପ, କାଷ୍ଠାଗ୍ନିରେ ସମର୍ପଣ ହେବା ବିଧେୟ। ବାହାରୁ ପ୍ରସ୍ତୁତ ହୋଇ ମିଳୁଥିବା ଧୂପ ବର୍ଜନୀୟ। ସୁବାସିତ ଦ୍ରବ୍ୟର ଧୂପ ହେଲା, ଚନ୍ଦନ, ବେଣାଚେର, ଝୁଣା, ନାଗର ମୁଥା, ସୁଗନ୍ଧୀ, ଉଶୀର, ଗୁଗୁଳ, କର୍ପୂର, ଲବଙ୍ଗ, କାଙ୍କୋଳ ଏ ସମସ୍ତଙ୍କୁ ଏକତ୍ର ଚୂର୍ଣ୍ଣ କରି ଆମ୍ବ, ଅପାମାର୍ଗ, ଅଶ୍ୱତଥ, ଉଦୁମ୍ବର କାଷ୍ଠାଗ୍ନିରେ ପ୍ରଦାନ କରିବେ। ସ୍ୱଗୃହରେ ଦେବାର୍ଚ୍ଚନ ସମୟରେ ଦୀପଟି ମାଟି, ତାମ୍ର, ରୌପ୍ୟ ଅଥବା ସୁବର୍ଣ୍ଣ ହେବା ଆବଶ୍ୟକ ବିଶୁଦ୍ଧ ଗୁଆ ଘିଅରେ କର୍ପୂର ମିଶା ଦୀପ ସର୍ବୋତ୍ତମ। କ୍ଷେତ୍ର ବିଶେଷରେ ରାଶିତେଲରେ କର୍ପୂର ମିଶାଇ ବ୍ୟବହାର କରାଯାଇପାରେ। ଦୀପରେ ୫,୭ କିମ୍ବା ୧୧ ଗୋଟି ତ୍ରି ତନ୍ତୁ ବିଶିଷ୍ଟ ୪ ଆଙ୍ଗୁଳ ଲମ୍ବ ପରିମିତ କପାତୁଳା ବଳିତା ଦେବେ ଏବଂ ଖଣ୍ଡିଏ ତେଜଣା ରଖିବେ। ଦୀପଟିକୁ ଗୋଟିଏ ୧ ଫୁଟ ଉଚ୍ଚ ଗମ୍ଭାରୀ, ପଣସ ଅଥବା ଆମ୍ବ କାଠରେ ତିଆରି ରୁଖା ଉପରେ ନିଜର ଦକ୍ଷିଣ ହାତ ପାର୍ଶ୍ୱରେ କିଛି ଚାଉଳ ଉପରେ ରଖିବେ। ଦେବତାଙ୍କ ପାଇଁ ପୂଜାରେ ବାସ ଚଳନ, କୁଙ୍କୁମ ଅଥବା ଜାଫ୍ରାନ କେଶର ଉପଯୋଗରେ ସୁଫଳ ମିଳିଥାଏ। ନିଜ ଘରେ ପୂଜାର ବିଭିନ୍ନ ନୈବେଦ୍ୟ ଯଥା ପକ୍ୱ ମିଷ୍ଟା ଫଳ, କିସ୍‌ମିସ୍, ମିଶ୍ରି, ଗୋଦୁଗ୍ଧ ବା ଦଧିଘୃତ, ଗୁଡ଼ମିଶ୍ରିତ ନୈବେଦ୍ୟ ସମର୍ପଣ କରାଯିବା ଉଚିତ। ପୂଜା ସମୟରେ ନିଜ ଗଳାରେ ମାଳର ଆବଶ୍ୟକତା ଅଛି ଦେବାଦେବୀଙ୍କ ପାଇଁ ସ୍ଥୁଳ ବିଶେଷରେ ତୁଳସୀ ରୁଦ୍ରାକ୍ଷ, ପଦ୍ମ, ସ୍ଫଟିକ, ରକ୍ତ ଚନ୍ଦନମାଳିର ମାଳ ବ୍ୟବହାର ଉପଯୋଗୀ। ମାଳା ବିହୀନ ପୂଜା ନିଷ୍ଫଳ ହୋଇଥାଏ। ଭଗବାନ ଶ୍ରୀବିଷ୍ଣୁଙ୍କର ପ୍ରିୟ ଶ୍ୱେତ, ହଳଦୀ ବର୍ଣ୍ଣର ପୁଷ୍ପ, ତୁଳସୀ, ଶିବ ଏବଂ ହନୁମାନଙ୍କ ପ୍ରିୟ ବେଲପତ୍ର। ଶ୍ୱେତଅର୍କ, ଧୁତୁରା ଏବଂ କନିଅର, ଶ୍ରୀଗେଣଶ ଏବଂ ସୂର୍ଯ୍ୟଙ୍କ ନିମିତ୍ତ ଲାଲ ରଙ୍ଗର ପୁଷ୍ପ, ଲକ୍ଷ୍ମୀଙ୍କର ପଦ୍ମ, ଦେବୀମାନଙ୍କ ପାଇଁ ମନ୍ଦାର, ଟଗର, ବିଶେଷଭାବେ ଉପଯୋଗୀ। ବିଷ୍ଣୁ ଓ ଶିବଙ୍କ ପାଇଁ ମହା ଭୃଙ୍ଗରାଜ ପତ୍ର ସମର୍ପଣ ଅତ୍ୟନ୍ତ ସୁଫଳ ଦାୟକ ହୋଇଥାଏ।

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

# ଶ୍ରୀ ହନୁମାନ ଜୟନ୍ତୀ



ପ୍ରଭୁ ଶ୍ରୀ ରାମ ଓ ମା ସୀତା ଦେବିଙ୍କ ବିଛେଦ ସମୟରେ ଶ୍ରୀ ହନୁମାନ ସତରେ ଯେଉଁ ବଳିଷ୍ଠ ଭୂମିକା ନିର୍ବାହ କରି ମିଳନର ସୁତ୍ର୍ ଧର ସାଜି ଥିଲେ ଓ ସଂଯୋଜକ ଭାବେ ତାଙ୍କର୍ କାର୍ଯ୍ୟ ବାସ୍ତବରେ ଅବିସ୍ମରଣୀୟ। ସେଇଥିପାଇଁତ ଶ୍ରୀ ହନୁମାନ, ପ୍ରଭୁ ଶ୍ରୀ ରାମ ଓ ମା' ସୀତାଙ୍କର ସର୍ବଦା ଆଦରଣୀୟ। ଶ୍ରୀ ହନୁମାନ ହେଉଛନ୍ତି ପ୍ରଭୁ ଶ୍ରୀ ରାମ ଓ ମାତା ସୀତାଙ୍କର ମିଳନର ସୁତ୍ରଧର। ପ୍ରଭୁ ହନୁମାନଙ୍କୁ ପୂଜା ଅର୍ଚ୍ଚନା କଲେ ପ୍ରଭୁ ଶ୍ରୀ ରାମ ବି ସନ୍ତୁଷ୍ଟ ହୋଇଥାନ୍ତି। ପରିବାରିକ୍ ସୁଖ ଶାନ୍ତି ତଥା ସୌଭାଗ୍ୟ ବୃଦ୍ଧି ଘଟି ଥାଏ ବୋଲି ବିଶ୍ୱାସ ରହିଛି, ହନୁମାନଙ୍କୁ ଭକ୍ତି ଅର୍ଘ୍ୟ୍ ଅର୍ପଣ କଲେ। ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ପ୍ରତିକୁଳ ପାରିବାରିକ ପରିସ୍ଥିତି ଉଭେଇ ଯାଏ। ମହାବିଷୁବ ସଂକ୍ରାନ୍ତି ଦିନ ଶ୍ରୀ ହନୁମାନଙ୍କର ଜୟନ୍ତୀ ପାଳନ କରାଯାଏ। ଏହି ଦିନ ମଧ୍ୟ ଓଡ଼ିଆ ନବ ବର୍ଷ ପାଳନ କରାଯାଏ । ସମସ୍ତ ଅଶାନ୍ତ ପରିବେଶର ଜନକ ସାଧାରଣତ ଶନି ଓ ମଙ୍ଗଳ ହୋଇଥିଲେ ହେଁ ପ୍ରଭୁ ହନୁମାନଙ୍କ କୃପାରୁ ସବୁ କିଛି ପ୍ରତିହତ୍ ହୋଇଯାଇ ଥାଏ। ଏହି ଦୁଇ ବିଚ୍ଛେଦ ଗ୍ରହଙ୍କ ଭୂମିକାକୁ ପ୍ରଭୁ ହନୁମାନ ପ୍ରତିହତ୍ କରି ମିଳନର ସୁତ୍ରଧର ଭାବେ ଶ୍ରୀ ହନୁମାନଙ୍କ ଭୂମିକା ଅତୀବ ପ୍ରଶଂସନୀୟ ଓ ସ୍ମରଣୀୟ। ହନୁମାନଙ୍କ ଆଶ୍ରିତ ବ୍ୟକ୍ତି ବିଶେଷଙ୍କୁ ଶନି କି ମଙ୍ଗଳ କିଛି କ୍ଷତି କରି ପାରିନଥାନ୍ତି। ପ୍ରଭୁ ଶ୍ରୀ ହନୁମାନ ଦୁର୍ଦ୍ଦିନ ବେଳେ ଠିଆ ହୋଇ ବଳିଷ୍ଠ କାର୍ଯ୍ୟ ନିର୍ବାହ୍ କରି ପ୍ରଭୁ ଶ୍ରୀ ରାମଙ୍କୁ ମାତା ସୀତା ଦେବି, ଅଯୋଧ୍ୟା ସିଂହାସନ, ନଗରୀ, ରାଜ ମୁକୁଟ, ଧନ ସମ୍ପତି ଓ ଐଶର୍ଯ୍ୟ ଲାଭ ହେଲା । ଏଥିରୁ ଅନୁମେୟ ଯେ ହନୁମାନଙ୍କର ଆଶ୍ରିତ୍ ବ୍ୟକ୍ତି ଜୀବନ ଚକ୍ରର ସମସ୍ତ ଦୁର୍ଦ୍ଦିନ୍, ଦୁଃଖ ଓ ଦାରିଦ୍ର୍ୟ ସୀମାକୁ ଅତିକ୍ରମ କରି ସୁଦିନ୍ ସୁଖ ପ୍ରାପ୍ତି କରି ଧନ ଜଣ ଗୋପ ଲକ୍ଷ୍ମୀ ଐଶର୍ଯ୍ୟ ଭର୍‌ପୁର ରହେ। ସର୍ବ ହରାକୁ ବି ହନୁମାନ ଐଶର୍ଯ୍ୟ ଭରା ସମ୍ପଦର ମାଲିକ କରାଇବାରେ ସହାୟ ହୋଇଥାନ୍ତି। ଭୂମିହିନକୁ ଭୂମି ପ୍ରାପ୍ତ ହୁଏ, ଘର ହିନକୁ ଘର ପ୍ରାପ୍ତ ହୁଏ। ତାଙ୍କୁ ସ୍ମରଣ କଲେ ତାଙ୍କରି ଚରଣରେ ଆଶ୍ରିତ ନେଲେ ଯେ କୌଣସି ସଙ୍କଟରୁ ଉଦ୍ଧାର ହୋଇଥାଏ, ମାନବ। ସେ ହେଲେ 'ସଙ୍କଟ ମୋଚନ୍ ଦେବତା'। ପ୍ରାକୃତିକ ଦୁର୍ବିପକ୍ ହେଉ କି ଯେ କୌଣସି ମହମାରିରୁ କେବଳ ରକ୍ଷା କରି ପାରିବେ ସେଇ ପ୍ରଭୁ ଶ୍ରୀ ହନୁମାନ। ଏଣୁ ସାମ୍ପ୍ରତିକ ପରିସ୍ଥିତିରେ ଆସନ୍ତୁ ସେଇ ହନୁମାନଙ୍କୁ ଆରାଧାନ କରିବା, ସାଧନା କରିବା, ନିଜକୁ ସମପର୍ଣ ଓ ଭକ୍ତି ଅର୍ଘ୍ୟ ନିବେଦନ କରିବା ସୁଖ, ଶାନ୍ତି ସମୃଦ୍ଧି ତଥା ଯେ କୌଣସି ସଙ୍କଟରୁ ଉଦ୍ଧାର ପାଇଁ। ଆଇନ କାନୁନ ଫାସ୍‌ରେ ଛନ୍ଦି ହୋଇଯାଇଥିଲେ ବି ତାଙ୍କୁ ସୁମରନା କଲେ ମୁକ୍ତି ମିଳି ଥାଏ। କୁହାଯାଏ ଆଇନ କାନୁନର ଲମ୍ବା ହାତ ହନୁମାନ ଆଶ୍ରିତ ବ୍ୟକ୍ତିକୁ ଛୁଇଁପାରେ ନାହିଁ। ହନୁମାନଙ୍କର ଆଶ୍ରିତ ବ୍ୟକ୍ତି ଅଚିରେ ସମସ୍ତ ଶତ୍ରୁ ଉପରେ ବିଜୟଲାଭ କରି ବିଜୟ ଶ୍ରୀ ଉପାଧିରେ ମଣ୍ଡିତ ହୋଇଥାଏ, ନିଃସନ୍ଦେହରେ। ତେଣୁ ଆଜିର ପବିତ୍ର ତାଙ୍କର ଜନ୍ମ ଜୟନ୍ତୀରେ ଓ ଓଡ଼ିଆ ନବ ବର୍ଷ ଅବସରରେ ତାଙ୍କୁ ଧ୍ୟାନ, ଆରାଧନା, ପୂଜା ଅର୍ଚ୍ଚନା କରିବା।

ପ୍ରତାପ ଚନ୍ଦ୍ର ସାହୁ
ନବରଙ୍ଗପୁର
ମୋ: ୯୪୩୭୭୮୮୮୬୦



ଅଭୟ କୁମାର ଦାସ

# ପଞ୍ଚ ବଦନାୟ ନମୋ ନମଃ........

'ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଲ୍‌କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆର୍ବିଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତାଳପୁରରୁ ଉଦ୍ଧାର କରିଥିଲେ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରଧାନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।

ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ। ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ। ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା'ସୀତାଙ୍କ ସନ୍ଧାନ ପାଇଥିଲେ। କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ। ନାଗଫାସରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନଙ୍କୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି। କପିମୁଖ ହନୁମାନଙ୍କ ପୂଜା ଆରଧାନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଲେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା'ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ। ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ। ଏହା ସକଳ ବିଘ୍ନ ନିବାରକ ମଧ୍ୟ। ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ। ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି। କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ। ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ। ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ। ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଦ୍ଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ। ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ। ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ। ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ। ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ। ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ। ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ। ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ। ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରାଧାନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ। ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା। ଜୟ ବୀର ହନୁମାନ।

ଗୋଡରା, ମାହାଙ୍ଗା, କଟକ
ଦୂରଭାଷ : ୯୪୩୭୧୪୨୭୧୭

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ ଅପ୍ରେଲ ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦେବାଳିଆ ଅବସ୍ଥା...

ମହାପ୍ରତାପୀ ରାବଣ କେଉଁ ରାମାୟଣ ଯୁଗରେ ସ୍ୱର୍ଣ୍ଣ ଲଙ୍କାର କଳ୍ପନା କରିଥିଲା । ପ୍ରଜାନୁରଂଜନ ଥିଲା ରାବଣର ପରିକଳ୍ପନା ଏହା ଭିତରେ କେତେଯୁଗ ଅତିକ୍ରାନ୍ତ ହୋଇସାରିଛି । ରାବଣ ବଧ ପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଯୋଧ୍ୟା ଆଗମନ ପୁରାକାଳର ତଥ୍ୟ ସମୃଦ୍ଧ କିମ୍ବଦନ୍ତୀ ହୋଇ ରହିଯାଇଛି । ଦିନ ଥିଲା, ଧନୀ ଓ ସମୃଦ୍ଧ ରାଷ୍ଟ୍ର ରୂପେ ପରିଗଣିତ ହେଉଥିଲା ଶ୍ରୀଲଙ୍କା । ପୂର୍ବତନ ସିଲୋନ୍ ବା ସିଂହଳର ଏହା ହେଉଛି ରୂପାନ୍ତର । ରାଷ୍ଟ୍ରୀୟ ଭାଷା ସିଂହଳୀ ଓ ତାମିଲ । ଏମିତିରେ ଚା' ଓ କଫି ଚାଷ କରି ଜୀବିକାର୍ଜନ କରିଥାନ୍ତି ଶ୍ରୀଲଙ୍କାର ବାସିନ୍ଦା । ଦେଶ ସ୍ୱାଧୀନ ହେବା ପରେ କେତେବେଳେ କେଉଁ ଦଳ ଶାସନ ଗାଦିରେ ବସନ୍ତି । ଗରିଲା ଯୁଦ୍ଧରେ ମାହିର୍ ପ୍ରମୁଖ ସଂଗଠିତ ଏଲଟିଟିଇ ଏକ ସମୟରେ ଉଗ୍ରବାଦୀ ତାଲିମ ଦେଇ ସିଂହଳୀ ପ୍ରଭୁତ୍ୱ ବିରୋଧରେ ଲଢ଼େଇ ଜାରି ରଖିଥିଲା । ଅବସ୍ଥା ବଦଳି ଯାଇଛି, ଏବେ ଚାଲିଛି ରାଜପକ୍ଷ ପରିବାରବାଦ । ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷ, ପ୍ରଧାନମନ୍ତ୍ରୀ ମଧ୍ୟ ତାଙ୍କ କନିଷ୍ଠ ଭ୍ରାତା ମହିନ୍ଦା ରାଜପକ୍ଷ । ଭାଇବନ୍ଧୁ କୁଟୁମ୍ବଙ୍କୁ ଦେଶ ଚଳାଇବା ଯେମିତି ରାବଣ ସାମ୍ରାଜ୍ୟର ପୁନରାବୃତ୍ତି ଭଳି ହୋଇଛି । ସୁନାର ଲଙ୍କା ଆଜି ଚୂନା ହୋଇଯାଉଛି । ଚୀନ୍ ଭଳି ମହାଜନ ଗୋଟେ ଅଧେ ଦେଶରେ ଋଣ ଜାଲ ବିଛାଇ ନାହିଁ । ବିଭିନ୍ନ ଦେଶରେ ସାହୁକାରଙ୍କ ଖାତକ ସୃଷ୍ଟି କରି ସେମାନଙ୍କଠାରୁ ଚକ୍ରବୃଦ୍ଧି ହାରରେ ଆଦାୟ କରି ଆସୁଛି । ପାକିସ୍ତାନ, ଶ୍ରୀଲଙ୍କା ଭଳି କେତେ ଦେଶ ଏହି ଧାରାରେ ଦେବାଳିଆ ହୋଇସାରିଛନ୍ତି । ଏଭଳି ହୋଇଛି ଯେ, ସମ୍ପୃକ୍ତି ଖାତକ ଦେଶର ଅର୍ଥନୀତି ବିଗାଡ଼ି ଦେବାରେ ବାହାରକୁ ହିତାକାଂକ୍ଷୀ ଭଳି ଦିଶୁଥିବା ଚୀନ୍ ସାମରିକ ସ୍ୱାର୍ଥ ସାଧନରେ ଅଗ୍ରସର ହୋଇଛି । କାହାର ବନ୍ଦର ଉପରେ ଆପଣା ଦଖଲ ଅନ୍ଦାଜ୍ ସାବ୍ୟସ୍ତ କରିଛି ତ' କେଉଁ ଦେଶରେ ପ୍ରତିଷ୍ଠା କରିଛି ସାମରିକ ଘାଟି । ଏହା ହେଉଛି ଚୀନ୍‌ର ବିସ୍ତାରବାଦୀ ନୀତି । ପାକିସ୍ତାନ, ବାଂଲାଦେଶ, ନେପାଳ ଭଳି ଦେଶରେ ପୁଞ୍ଜି ଖଟାଇ ପରବର୍ତ୍ତୀ ସମୟରେ ଫସଲ କାଟିବା ମତଲବରେ ସବୁ ସମୟରେ ଥାଏ ଚୀନ୍ । ଏବେ ଶ୍ରୀଲଙ୍କାରେ ଆର୍ଥିକ ସଂକଟ ଦେଖାଦେଇଛି । ଦେଶ ଏଭଳି ଆର୍ଥିକ ଦୁର୍ଗତି ଭିତର ଦେଇ ଗତି କରୁଛି ଯେ, ବାହ୍ୟ ଋଣ ପରିଶୋଧ କରିବା ସ୍ଥିତିରେ ଶ୍ରୀଲଙ୍କା ସରକାର ନାହିଁ । ମୁଦ୍ରାର ମୂଲ୍ୟ ସର୍ବନିମ୍ନ ସ୍ତରରେ । ମୂଲ୍ୟବୃଦ୍ଧି କେତେ ଅଧିକ ତାହା କୁହାଯିବା ଦରକାର ନାହିଁ । ଏପରିକି ଚା' କଫି ପାଇଁ ଏକଦା ପ୍ରସିଦ୍ଧ ଶ୍ରୀଲଙ୍କାରେ ଏବେ ଚା' କପ୍‌କୁ ଶହେ ଟଙ୍କା ହୋଇଛି । ଆଳୁ, ବାଇଗଣ ଭଳି ପରିବା ଦୂରର କଥା, ପେଟ୍ରୋଲ-ଡିଜେଲ୍ ପାଇଁ କେନ୍ ଧରି ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି ଲୋକମାନେ । ଦେଶର ଅବସ୍ଥା ସମ୍ଭାଳିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଅସମର୍ଥ । କେତେବେଳେ ରାଷ୍ଟ୍ରପତି ଜରୁରୀ ଅବସ୍ଥା ଲାଗୁ କରିଦେଉଛନ୍ତି ତ' କେତେବେଳେ ଉଠାଇ ଦେଉଛନ୍ତି । ନେତୃତ୍ୱ ଦେବାଳିଆ ସ୍ଥିତିରୁ କେମିତି ଉଦ୍ଧାର ପାଇବେ, ବାଟ ପାଉ ନାହାଁନ୍ତି । ପଡ଼ିଶା ଘର ତୁଣ ହାପୁଡ଼େ ନ୍ୟାୟରେ ଉତ୍କଟ ସ୍ଥିତିରେ ଥାଇ ସୁଦ୍ଧା ଭାରତ ବିପୁଳ ପରିମାଣରେ ପେଟ୍ରୋଲ-ଡିଜେଲ୍ ପଠାଇଛି ଶ୍ରୀଲଙ୍କାକୁ । ଏକପକ୍ଷରେ ଇମ୍ରାନ୍ ଖାନ୍‌ଙ୍କ ସରକାରକୁ ଗାଦିଚ୍ୟୁତ କରାଯିବାର କେଇଘଣ୍ଟା ଭିତରେ ନୂତନ ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ୍ ଶରିଫ କାଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି । ଏହା ଭାରତ ପାଇଁ ଅସହଜ ସ୍ଥିତିକୁ ଜନ୍ମ ଦେଇଛି । ପୁଣି ଶରିଫ ପରିବାର ଆରମ୍ଭ କରିବେ ପାପ୍ ଶାସନ । ଦେବାଳିଆ ପାକିସ୍ତାନ ଏବେ ଚୀନ୍ ସହ ଭଲ ସମ୍ପର୍କ ରଖିବାକୁ ଚାହେଁ ବୋଲି କହିଛନ୍ତି ଶରିଫ୍ । ଭାରତୀୟ ଉପମହାଦେଶରେ ଏଭଳି ଜଟିଳ ସ୍ଥିତି କେବେ ଦେଖା ଦେଇନଥିଲା । ଆମ ଦେଶ ରୁଷ- ୟୁକ୍ରେନ୍ ଯୁଦ୍ଧରେ ପକ୍ଷଭୁକ୍ତ ନହେବାକୁ ଚାହୁଁଥିଲେ ସୁଦ୍ଧା ସ୍ଥିତି କିଭଳି ହେବାକୁ ଯାଉଛି, ତାହା ସାହସ ଜାଣି ହେଉନି । ଆମେରିକା ଓ ନାଟୋ ଦେଶମାନେ ୟୁକ୍ରେନ୍ ଯୁଦ୍ଧ ଭିତରକୁ ଠେଲିଦେଇ କିଛି ବାସ୍ତବ ସହାୟତା ଦେବାର ଦେଖାଯାଉ ନାହିଁ । ଋଷ ଧ୍ୱଂସଲୀଳା ଚଳାଇଛନ୍ତି, ହଜାର ହଜାର ନିରୀହ ଶିଶୁ ମାନଙ୍କୁ ନିପାତ କରିବାର ଦେଖାଦେଇଛି । ଏପଟେ ଶ୍ରୀଲଙ୍କାରେ କାଙ୍ଗାଳ ସ୍ଥିତି, ସେପଟେ ଭାରତ-ବିରୋଧ ପାକିସ୍ତାନ ମଝିରେ ଭାରତ କିଭଳି ଅବସ୍ଥାର ସମ୍ମୁଖୀନ ହେବ, ତାହା ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ମହାଜଟିଳ ସ୍ଥିତିକୁ ଡାକି ଆଣିବା ଭଳି ହୋଇଛି ।

# ପୁରାଣ ଓ ବିଜ୍ଞାନ



ଲୋକନାଥ ମହାପାତ୍ର

ବିଜ୍ଞାନ ଅନୁଯାୟୀ ସୂର୍ଯ୍ୟ ହେଉଛନ୍ତି ସ୍ୱାସ୍ଥ୍ୟର ଭଣ୍ଡାର । ସୂର୍ଯ୍ୟ ଏହାର କିରଣ ଦ୍ୱାରା ଅନେକ ପ୍ରକାରର ଜରୁରୀ ଉପାଦାନ ଦେଇଥାନ୍ତି ଏବଂ ଶରୀରରେ ସେହି ଉପାଦାନଗୁଡ଼ିକ ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ । ଭାରତୀୟ ମୁନି ଋଷିମାନେ ପ୍ରଥମେ ସୂର୍ଯ୍ୟଙ୍କ ଏହି ଆରୋଗ୍ୟକାରୀ ଶକ୍ତିକୁ ଚିହ୍ନିଥିଲେ । ଅଥର୍ବବେଦରେ ସୂର୍ଯ୍ୟଙ୍କର ଆରୋଗ୍ୟକାରୀ ଶକ୍ତିର ପରିଚୟ ଦେଇ ତାଙ୍କର କିରଣକୁ ଔଷଧ ବୋଲି ବର୍ଣ୍ଣନା କରାଯାଇଛି । ମତ୍ସ୍ୟପୁରାଣରେ ମଧ୍ୟ ସୂର୍ଯ୍ୟଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନକାରୀ ବୋଲି କୁହାଯାଇଛି । ସୂର୍ଯ୍ୟପାସାନାର ଉପକାରିତା ସମ୍ବନ୍ଧରେ ଶାସ୍ତ୍ର ଏବଂ ପୁରାଣରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ପୌରାଣିକ ମାନ୍ୟତା ଅନୁଯାୟୀ, ସୂର୍ଯ୍ୟଦେବଙ୍କୁ ପୂଜା କଲେ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ । ଶ୍ରୀକୃଷ୍ଣ ଏବଂ ଜାମ୍ବବତୀଙ୍କ ପୁତ୍ର ସାମ୍ବ କେବଳ ସୂର୍ଯ୍ୟଦେବଙ୍କୁ ପୂଜା କରି ଦୁର୍ବସା ଋଷିଙ୍କ ଅଭିଶାପ ଯୋଗୁଁ କୁଷ୍ଠରୋଗରୁ ମୁକ୍ତି ପାଇଥିଲେ। ବିଶ୍ୱାସ କରାଯାଏ ଯେ, ମାଘ ମାସର ଶୁକ୍ଳ ସପ୍ତମୀ ଦିନ ସୂର୍ଯ୍ୟଦେବଙ୍କ ଆବିର୍ଭାବ ଘଟିଥିଲା । ସେଥିପାଇଁ ବହୁ ପ୍ରାଚୀନ କାଳରୁ ଏହି ତିଥିକୁ ଆରୋଗ୍ୟ ସପ୍ତମୀ ନାମରେ ଜଣାଯାଏ ।

ପାଶ୍ଚାତ୍ୟ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ ସୂର୍ଯ୍ୟଙ୍କୁ ଆରୋଗ୍ୟକାରୀ ଭାବରେ ଗ୍ରହଣ କରିବାର ଭାରତୀୟ ଦର୍ଶନ ସମ୍ପୂର୍ଣ୍ଣ ସଠିକ୍। ପାଶ୍ଚାତ୍ୟ ଦେଶର ଲୋକମାନେ ସୂର୍ଯ୍ୟ-ସ୍ନାନ କରିବାକୁ ସମୟ ବାହାର କରନ୍ତି । ପାଶ୍ଚାତ୍ୟ ପଣ୍ଡିତମାନେ ଏହା ମଧ୍ୟ କହିଛନ୍ତି ଯେ ପୃଥିବୀର ଅନ୍ୟ କୌଣସି ଉପାଦାନରେ ସୂର୍ଯ୍ୟଙ୍କ ଭଳି ଆରୋଗ୍ୟକାରୀ ଶକ୍ତି ନାହିଁ। ତେଣୁ ଆଜି ସମଗ୍ର ବିଶ୍ୱରେ ସୂର୍ଯ୍ୟ-ନମସ୍କାର ବ୍ୟାୟାମର ଏକ ଅଙ୍ଗ ଭାବେ ସର୍ବାଦୃତ ହେଉଛି । କିନ୍ତୁ ବୈଦିକ କାଳରୁ ଭାରତରେ ପ୍ରାତଃକାଳରେ ସୂର୍ଯ୍ୟଙ୍କ ସମ୍ମୁଖରେ ଠିଆ ହୋଇ ସୂର୍ଯ୍ୟ ନମସ୍କାର ସହ ସୂର୍ଯ୍ୟଙ୍କୁ ପୂଜା କରିବା ପରମ୍ପରା ରହିଆସିଛି କାରଣ ସୂର୍ଯ୍ୟଙ୍କ କିରଣ ଶରୀରେ ଥିବା ରୋଗ ଜୀବାଣୁଙ୍କୁ ନଷ୍ଟ କରିଦିଏ । ଏହା ଛଡ଼ା ସକାଳର ସୂର୍ଯ୍ୟାଲୋକ ଭିଟାମିନ ଡି'ର ସବୁଠାରୁ ଉତ୍କୃଷ୍ଟ ଉତ୍ସ ।

ବେଦ, ପୁରାଣ ଏବଂ ଯୋଗସୂତ୍ରରେ ସୂର୍ଯ୍ୟଙ୍କର ଆରୋଗ୍ୟ ଶକ୍ତି ବିଷୟରେ ଉଲ୍ଲେଖ କରାଯାଇଛି । ଏହା ମଧ୍ୟ ଲେଖାଯାଇଛି ଯେ ସୂର୍ଯ୍ୟଙ୍କର ଉପାସନା ଆରୋଗ୍ୟ ପାଇଁ ସମ୍ପୂର୍ଣ୍ଣ ଫଳପ୍ରଦ ଅଟେ । ପୁରାଣ ଅନୁଯାୟୀ, ଯିଏ ପ୍ରତିଦିନ ସୂର୍ଯ୍ୟ ଭଗବାନଙ୍କୁ ଉପାସନା କରେ ତାର ସମସ୍ତ ରୋଗ ଭଲ ହୋଇଯାଏ। ଆଜି ମଧ୍ୟ ଆୟୁର୍ବେଦିକ ଏବଂ ନାଚୁରୋପାଥି ପ୍ରଣାଳୀରେ ସୂର୍ଯ୍ୟ ଚିକିତ୍ସା ବ୍ୟବହୃତ ହୁଏ । ଶାରୀରିକ ଦୁର୍ବଳତା, ଅଷ୍ଟିଓପୋରୋସିସ୍ କିମ୍ବା ଗଣ୍ଠି ଯନ୍ତ୍ରଣା ପରି ବ୍ୟାଧିରେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିବା ରୋଗରୁ ମୁକ୍ତି ପାଇବାର ସମ୍ଭାବନା ସୃଷ୍ଟି କରେ । ଚର୍ମ ରୋଗ ଇତ୍ୟାଦି ନଷ୍ଟ ହୋଇଯାଏ।

ଧଳା ଦାଗ ଏବଂ ସମସ୍ତ କୁଷ୍ଠ ରୋଗର ଚିକିତ୍ସାରେ ସୂର୍ଯ୍ୟୋପାସାନା ସହାୟକ ହୋଇଛି। ଆମର ମୁନି ଋଷି ମାନେସୂର୍ଯ୍ୟଙ୍କର ଏହି ଶକ୍ତି ସହିତ ପରିଚିତ ଥିଲେ । ଏହି କାରଣରୁ ବାସ୍ତୁଶାସ୍ତ୍ରରେ ପୂର୍ବ ପାର୍ଶ୍ୱରେ ଅଧିକ ଖୋଲା ସ୍ଥାନ ଏବଂ କବାଟ ଏବଂ ଝରକା ରଖିବା ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସକାଳେ ସୂର୍ଯ୍ୟ କିରଣ ଘର ଏବଂ ପ୍ରାଙ୍ଗଣରେ ଅଧିକ ମାତ୍ରାରେ ପ୍ରବେଶ କରେ ଏବଂ ରୋଗ ବିସ୍ତାର କରୁଥିବା କ୍ଷତିକାରକ ଜୀବାଣୁ ଘରେ ପଶି ପାରନ୍ତି ନାହିଁ । ଯେଉଁ ଲୋକମାନେ ନିଜ ଘରକୁ ସବୁ ଦିଗରୁ ଝରକା ବନ୍ଦ କରି ରଖନ୍ତି ଏବଂ ସୂର୍ଯ୍ୟ କିରଣ ଘରେ ପ୍ରବେଶ କରିବାକୁ ଦିଅନ୍ତି ନାହିଁ, ସେମାନେ ସର୍ବଦା ଅସୁସ୍ଥ ରୁହନ୍ତି । ତେଣୁ ପୂର୍ବେ ଘର ମଧ୍ୟରେ ସୂର୍ଯ୍ୟକିରଣ ପଡିବା ପାଇଁ ଖୋଲା ସ୍ଥାନ ରଖାଯାଉଥିଲା । ଯେଉଁ ଘର ମଧ୍ୟରେ ସୂର୍ଯ୍ୟଙ୍କ କିରଣ ପହଞ୍ଚେ, ରୋଗର ଜୀବାଣୁ ଆପେଆପେ ମରିଯାଏ ଏବଂ ରୋଗ ଜୀବାଣୁ ଜନ୍ମ ହୋଇପାରେ ନାହିଁ ।

**ସୂର୍ଯ୍ୟଙ୍କ ରଥ :**

ପୁରାଣମାନଙ୍କରେ ସୂର୍ଯ୍ୟଙ୍କ ରଥ ବିଷୟରେ ଅନେକ ସ୍ଥାନରେ ଉଲ୍ଲେଖ ରହିଛି । ଶ୍ରୀମଦ୍ ଭାଗବତରେ ଶୁକମୁନି ପରୀକ୍ଷିତଙ୍କୁ କହିଛନ୍ତି ଯେ ସୂର୍ଯ୍ୟ ଭଗବାନ ତାଙ୍କ ରଥରେ ଆକାଶ ମାର୍ଗରେ ପରିକ୍ରମା କରନ୍ତି । ସୂର୍ଯ୍ୟଙ୍କ ଏହି ରଥକୁ ସାତୋଟି ଘୋଡ଼ା ଚଳାନ୍ତି ଏବଂ ଅରୁଣ ନାମକ ସାରଥି ଏହାକୁ ପରିଚାଳିତ କରନ୍ତି । ବିଶ୍ୱାସ କରାଯାଏ ଯେ ଏହି ସାତ ଘୋଡା ସପ୍ତାହର ବିଭିନ୍ନ ଦିନକୁ ପ୍ରତିନିଧିତ୍ୱ କରନ୍ତି । ଏହା ବ୍ୟତୀତ ରଥର ସାତୋଟି ଘୋଡା ମଧ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ସୂର୍ଯ୍ୟାରଶ୍ମୀରେ ଥିବା ସାତୋଟି ଆଲୋକକୁ ପ୍ରତିନିଧିତ୍ୱ କରନ୍ତି ଯାହା ସ୍ୱୟଂ ସୂର୍ଯ୍ୟ ଦେବତାଙ୍କ କିରଣରୁ ଉତ୍ପନ୍ନ । ଆହୁରି ମଧ୍ୟ, ସୂର୍ଯ୍ୟଦେବଙ୍କର ଏହି ସାତୋଟି ଘୋଡା ଇନ୍ଦ୍ରଧନୁର ସାତୋଟି ରଙ୍ଗକୁ ସୂଚିତ କରୁଥିବା ଦେଖାଯାଏ । କାରଣ ପୁରାଣ ବର୍ଣ୍ଣିତ ଏହି ସାତୋଟି ଘୋଡାର ରଙ୍ଗ ପରସ୍ପରଠାରୁ ଭିନ୍ନ । ତେଣୁ ଏହି ସମସ୍ତ ଘୋଡା ସୂର୍ଯ୍ୟ କିରଣରେ ଥିବା ସପ୍ତରଙ୍ଗର ପ୍ରତୀକ । ଯଦିଓ ପାଶ୍ଚାତ୍ୟ ପଦାର୍ଥବିଜ୍ଞାନୀମାନେ ସୂର୍ଯ୍ୟଙ୍କ ମଧ୍ୟରେ ଥିବା ସାତୋଟି ରଙ୍ଗର ସିଦ୍ଧାନ୍ତ ଆବିଷ୍କାର କରିଛନ୍ତି ବୋଲି ଦାବି କରନ୍ତି, ତଥାପି ହଜାର ହଜାର ବର୍ଷ ପୂର୍ବେ ଏହି ତଥ୍ୟ ଭାରତୀୟଙ୍କୁ ଜଣାଥିଲା । ସେଥିପାଇଁ ତ ପୁରାଣମାନଙ୍କରେ ଭଗବାନ ସୂର୍ଯ୍ୟନାରାୟଣଙ୍କ ରଥରେ ସାତୋଟି ଘୋଡାର ଉଲ୍ଲେଖ କରାଯାଇଛି। ସୂର୍ଯ୍ୟଦେବଙ୍କ ରଥର ସପ୍ତ ଅଶ୍ୱ ସୂର୍ଯ୍ୟ ରଶ୍ମିରେ ଥିବା ସାତଟି ରଙ୍ଗର ପ୍ରତୀକ ଅଟେ ।

ବ୍ରହ୍ମା, ବିଷ୍ଣୁ, ମହେଶ ଇତ୍ୟାଦିଙ୍କ ଭକ୍ତି କେବଳ ଧ୍ୟାନ ଦ୍ୱାରା ହୋଇପାରିବେ, କିନ୍ତୁ ଭଗବାନ ସୂର୍ଯ୍ୟ ସର୍ବଦା ସମସ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି । ତେଣୁ ପ୍ରତ୍ୟକ୍ଷ ଦେବତା ପ୍ରଭୁ ସୂର୍ଯ୍ୟଙ୍କୁ ସିଧାସଳଖ ପୂଜା କରିବା ଉଚିତ୍ । ପୁନଶ୍ଚ ଏହି କରୋନା କାଳରେ ସୂର୍ଯ୍ୟୋପାସନା ସର୍ବାଧିକ ମହତ୍ତ୍ୱ ବହନ କରେ । ଭଗବାନ ସୂର୍ଯ୍ୟନାରାୟଣ ସମଗ୍ର ଜଗତକୁ କରୋନା ରୂପକ ବ୍ୟାଧିରୁ ରକ୍ଷା କରନ୍ତୁ ଏହା ହିଁ ପ୍ରାର୍ଥନା ।


♥ ବ୍ରହ୍ମପୁର


# ଜଳ ସମସ୍ୟାର କାରଣମାନଙ୍କର ତର୍ଜମା



ଶ୍ୟାମ ସୁନ୍ଦର ରଥୀ

ଜଳ ସମସ୍ୟା ହେଉଛି ମାନବ ଜାତିର ସବୁ ଠାରୁ ବଡ଼ ସମସ୍ୟା ଏବଂ ଦୀର୍ଘଦିନ ହେଲା ଏହି ସମସ୍ୟା ଲାଗି ରହିଛି। ଜଳ ସମସ୍ୟାରରୁ ମାନବ ଜାତିକୁ ମୁକ୍ତ କରିବା ପାଇଁ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ବୈଜ୍ଞାନିକ ଯୁଗ ଯୁଗ ଧରି ଅନୁସଂଧାନ, ଶୋଧ, ପରିକ୍ଷଣ ନିରିକ୍ଷଣ ମାନ କରୁଛନ୍ତି ତଥାପି ଆଜି ପ୍ରଯ୍ୟାନ୍ତ ଏହି ସମସ୍ୟାର ସମାଧାନ ଆମ୍ଭେମାନେ ପାଇଁ ପାରି ନାହୁଁ। ମାନବ ଜାତି ଜଳ ସମସ୍ୟାରୁ ମୁକ୍ତି ପାଇବା ପରିବର୍ତ୍ତେ ଏହି ସମସ୍ୟା ଦିନକୁ ଦିନ ବିକରାଳ ହୋଇ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। ଗୋଟିଏ ପଟେ ବନ୍ୟାରେ ଗାଆଁ ଗଣ୍ଡା ସହରର କୋଟି କୋଟି ଘର ଭାସୁଛନ୍ତି ଏବଂ ଅନ୍ୟ ପଟେ ମରୁଡ଼ି କାରଣରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ଓ ଜନସାଧାରଣ ପିଇବା ପାଣି ପାଇଁ ବ୍ୟାକୁଳ ହୋଇ ଚିତ୍କାର କରୁଛନ୍ତି। ବୁଦ୍ଧିଜିବୀମାନେ ନିଜ ଆଖି ସାମନାରେ ପାଣି ପାଇଁ ଏହି ଭଳି ଅପ୍ରୀତିକର ପରିସ୍ଥିତି ଏବଂ ମାନବ ସମାଜ ଭୋଗୁ ଥିବା ଅସଂଖ୍ୟ ଅସୁବିଧା ଦେଖୁଛନ୍ତି। ଏଣୁ ଅଧିକାଂଶ ବୁଦ୍ଧିଜିବୀ ମାନଙ୍କର ଆଶଙ୍କା ଯେ ଆଗାମୀ ବିଶ୍ୱଯୁଦ୍ଧ ପାଣି ପାଇଁ ଲଢିବାକୁ ପଡ଼ି ପାରେ। ମାନବ ଜାତି ବିଶ୍ୱଯୁଦ୍ଧ ଲଢ଼ିବା ସ୍ଥିତି ପହୁଞ୍ଚିବା ପୂର୍ବରୁ ବିଶ୍ୱରୁ ଜଳ ସମସ୍ୟା ଶେଷ ହେବା ଦରକାର। ଏଥିରେ ମାନବ ଜାତି ଓ ପ୍ରାଣୀ ଜଗତର ମଙ୍ଗଳ ରହିଛି।

ବୈଜ୍ଞାନିକ ମାନଙ୍କର ଭୂମିକା - ବୁଦ୍ଧିଜିବୀ ମାନେ ସମସାମୟିକ ସ୍ଥିତିକୁ ଉପଲବ୍ଧ କରି ଅସନ୍ତୋଷ ବ୍ୟକ୍ତ ନିଜର ମନ୍ତବ୍ୟ ଦେଇ ଥାନ୍ତି ଯାହା ଫଳରେ ସରକାର ଓ ସାର୍ବଜନିକ ବ୍ୟବସ୍ଥା ସମସ୍ୟାର ବିହୀତ ପ୍ରତିକାର କରିବା ପାଇଁ ଉଚ୍ଚିତ ପଦକ୍ଷେପ ଗ୍ରହଣ କରନ୍ତି କିନ୍ତୁ ଯେଉ ସମସ୍ୟାର ସମାଧାନ ସାର୍ବଜନିକ ବ୍ୟବସ୍ଥା ପାଖରେ ନାହି ଏହି କ୍ଷେତ୍ରରେ ବୈଜ୍ଞାନକମାନେ ହେଲେ ଏକମାତ୍ର ସାହା-ଭରସା। ବୈଜ୍ଞାନିକ ସରକାରି ହୁଅନ୍ତୁ କିମ୍ବା ଗେରସରକାରି ସେମାନଙ୍କର ଜ୍ଞାନ ଓ କାର୍ଯ୍ଯ ଦକ୍ଷତା ଉପରେ ସମସ୍ୟାର ସମାଧାନ ନିର୍ଭର କରେ। ସେମାନେ ସର୍ବ ପ୍ରଥମେ ବିଷମ ପରିସ୍ଥିତି (ସମସ୍ୟା) ଉପୁଜିବାର କାରଣ ମାନଙ୍କର ତର୍ଜମା କରନ୍ତି ଓ ପରୀକ୍ଷା ନିରୀକ୍ଷା କରି ସମାଧାନର ରାସ୍ତା ଖୋଜି ବାହାର କରନ୍ତି। ଆବଶ୍ୟକତା ଅନୁସାରେ ନୂଆ ଆବିଷ୍କାର କରି ସ୍ଥିତିକୁ ସୁଗମ (ସାମାନ୍ୟ) କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତି। ଯାହା ଦ୍ୱାରା ସେହି ସମସ୍ୟା ସବୁଦିନ ପାଇଁ ଶେଷ ହୋଇଥାଏ ଏବଂ ମାନବ ଜାତି ତଥା ଜନସାଧାରଣଙ୍କର ମଙ୍ଗଳ ହୁଏ।

ଓଡ଼ିଶାରେ ପ୍ରକୃତି ପ୍ରଦଦତ୍ତ ଜଳର ସ୍ଥିତି - ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ତଥ୍ୟାବଳୀ ଅନୁଯାଇ ବନ୍ୟା ସମୟରେ ନାରାଜ ଠାରେ ମହାନଦୀରେ ୩ରୁ୪ କୋଟି ଲିଟର ପାଣି ପ୍ରତି ସେକେଣ୍ଡରେ ପ୍ରବାହିତ ହୋଇ ଥାଏ ଏବଂ ମହାନଦୀ ସମୁଦ୍ରକୁ ନିକ୍ଷେପ କରୁ ଥିବା ପାଣିର ପରିମାଣ ପ୍ରାୟ ୭ରୁ୮ କୋଟି ଲିଟର ପ୍ରତି ସେକେଣ୍ଡ ରହିଛି। ମୋଟ ଉପରେ ଦେଖିବାକୁ ଗଲେ ମହାନଦୀର ଗୋଟିଏ ବନ୍ୟାର ପାଣି ଆମ ରାଜ୍ୟର ବାର୍ଷିକ ଜଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯଥେଷ୍ଟ। ଓଡିଶାର ସବୁ ନଦୀ ନାଳ ମିଶି ସମୁଦ୍ରକୁ ନିକ୍ଷେପ କରୁଥିବା ପାଣିର ପରିମାଣ ଆମ ରାଜ୍ୟର ଆବଶ୍ୟକତା ଠାରୁ ପ୍ରାୟ ୩୦୦୦ ଗୁଣ ଅଧିକ ହେବାର ଆକଳନ ହୋଇଛି। ଆମ ରାଜ୍ୟ ହେଲା ଜଳ ସମ୍ପଦାରେ ପରିପୂର୍ଣ୍ଣ ଜଳ ବହୁଳ ଅଞ୍ଚଳ ଏବଂ ଏହି ସମ୍ପଦାର ଠିକ ଭାବେ ବ୍ୟବହାର ହେଲେ ରାଜ୍ୟରେ କୌଣସି ଜିନିଷର ଅଭାବ ରୁହନ୍ତା ନାହିଁ ତଥାପି ଆମ୍ଭମାନେ ଜଳ ସମସ୍ୟା ଦେଇ ଗତି କରିବା ଦୁଃଖର ବିଷୟ।

ଜଳ ଭଣ୍ଡାରଣର ଆବଶ୍ୟକତା ଏବଂ ଭଣ୍ଡାରଣର ବିଜ୍ଞାନର ନିୟମାବଳୀ - ଆମ୍ଭମାନେ ବନ୍ୟାର ସମ୍ମୁଖୀନ ହେବା ନାହିଁ ଓ ଆମକୁ ଠିକ ସମୟରେ ପାଣି ମିଳି ପାରିବ ଏଥିପାଇଁ ଅତିରିକ୍ତ ପାଣିକୁ ଭଣ୍ଡାରଣ କରି ରଖିବାକୁ ହେବ। ପ୍ରତ୍ୟେକ ବସ୍ତୁର ଭଣ୍ଡାରନ କରି ରଖିବାର ନିୟମାବଳୀ ଅଛି ସେହିପରି ଜଳ ଭଣ୍ଡାରଣର କରିବାର ନିୟମାବଳୀ ରହିଛି। ଭଣ୍ଡାରଣ ଏକ ମୌଳିକ ବିଜ୍ଞାନ ଏବଂ ଭଣ୍ଡାରଣ ବିଜ୍ଞାନ ୪ ଗୋଟି ମୂଳ ସିଦ୍ଧାନ୍ତ ରହିଛି। - ୧) ପଣ୍ୟ ସାମଗ୍ରୀର ଗୁଣ ମାନକୁ ନେଇ ଭଣ୍ଡାର ଗୃହ (Container)ର ଚୟନ। ୨) ପଣ୍ୟ ସାମଗ୍ରୀର ଅତିରିକ୍ତ ଆମଦାନୀ ସମୟରେ ଷ୍ଟୋର। ୩) ପଣ୍ୟ ସାମଗ୍ରୀ ଦୀର୍ଘ ସମୟ ଧରି ଭଲ ଅବସ୍ଥାରେ ରହିବାର ବ୍ୟବସ୍ଥା। ୪) ପଣ୍ୟ ସାମଗ୍ରୀର ସୁଷମ ବିତରଣର ସମୁଚିତ ବ୍ୟବସ୍ଥା। ପାଠକମାନେ ଜାଣି ରଖିବା ଦରକାର ଯେ ପଣ୍ୟ ସାମଗ୍ରୀ କଠିନ, ତରଳ କିମ୍ବା ଗେସ ଆଦି ଯେକୌଣସି ସ୍ଥିତିରେ ଥାଇ ପାରେ ଏବଂ ପରିମାଣ କମ କିମ୍ବା ଅତ୍ୟାଧିକ ହୋଇ ପାରେ କିନ୍ତୁ ଭଣ୍ଡାରଣ ବିଜ୍ଞାନର ନିୟମ କେବେ ବଦଳେ ନାହିଁ। ପଣ୍ୟ ସାମଗ୍ରୀ ପାଇ ଷ୍ଟୋର ଗୃହ ଭଣ୍ଡାରଣ ବିଜ୍ଞାନର ସର୍ବୋଚ୍ଚ ପ୍ରାଥମିକତା। ଜଳ ଭଣ୍ଡାର କରି ରଖିବାର ପାତ୍ର ହେଉଛି ପାଣି ଟାଙ୍କି। ଷ୍ଟୋର ଗୃହ ନ ଥିଲେ ଭଣ୍ଡାରଣ ହୋଇ ପାରିବ ନାହିଁ ଏବଂ ଏହି ପ୍ରକ୍ରିୟା ଅସମ୍ପୂର୍ଣ୍ଣ।

ପାରମ୍ପରିକ ଜଳ ଭଣ୍ଡାରଣ - ଷ୍ଟୋର ଗୃହ ନ ଥିଲେ ଭଣ୍ଡାରଣ ହୋଇ ପାରିବ ନାହିଁ ଏହା ଭଣ୍ଡାରଣ ବିଜ୍ଞାନର ନିୟମ ଏବଂ ଏହି ନିୟମାବଳୀ ବହୁ ପୂର୍ବରୁ ବଳବତ୍ତର ରହିଛି। ମୁଁ କେବଳ ଆପଣଙ୍କର ଧ୍ୟାନ ଆକର୍ଷଣ କରିବା ପାଇଁ ଏଠାରେ ଉଲ୍ଲେଖ କରିଛି। ଭଣ୍ଡାରଣ ବିଜ୍ଞାନର ନିୟମ ମାନୁ ନ ଥିବା କାରଣରୁ ଆମର ପାରମ୍ପରିକ ଜଳ ଭଣ୍ଡାରଣ ପ୍ରକ୍ରିୟା ଅସମ୍ପୂର୍ଣ୍ଣ ହୋଇ ରହିଛି। ଆମ ପାଖରେ ପ୍ରଚୁର ପାଣି ଷ୍ଟୋକ ଥାଇ ମଧ୍ୟ ଆମେ ଆବଶ୍ୟକ ସ୍ଥଳେ ଉକ୍ତ ପାଣିକୁ ବ୍ୟବହାର କରି ପାରୁ ନାହୁ ଏବଂ ଜଳ ସମସ୍ୟାର ସମ୍ମୁଖୀନ ହେଉଛୁ। ମାନବ ଜାତିକୁ ଜଳ ସମସ୍ୟା ଓ ବନ୍ୟାରୁ ମୁକ୍ତ କରିବାକୁ ହେଲେ ପାରମ୍ପରିକ ବ୍ୟବସ୍ଥାକୁ ତ୍ୟାଗ କରି ଜଳ ଭଣ୍ଡାରଣ ପାଇଁ ଭଣ୍ଡାର ଗୃହ (Container) ବ୍ୟବହାର କରିବାକୁ ପଡ଼ିବ ନ ହେଲେ ଜଳ ସମସ୍ୟା ଓ ବନ୍ୟାରୁ ମୁକ୍ତି ପାଇବା ଦିବା-ସ୍ୱପନ ହୋଇ ରହି ଯିବ।


♥ ମୋ: ୭୬୮୨୯୪୨୩୪୭





## ଏଇ ଏବେ ଏପ୍ରିଲ ଛୁଇଁଛି



ଶରତ କୁମାର ଦାସ

ମୁଣ୍ଡ ଉପରେ ଡହଡହ ଜଳୁଥିବା ସୂର୍ଯ୍ୟଙ୍କ
ମୁଠାଏ ପାକଳ ରଶ୍ମିର ଫାଙ୍କ ଦେଇ
ଏଇ ଏବେ ଏପ୍ରିଲ ଛୁଉଁଛି ମାଟିକୁ
ଝାଉଁଳି ପଡୁଛି ପଳାଶ ଗଛର
ମାଳ ମାଳ କଂଚାପତ୍ର ପାଟିକୁ ଆଁ' କରି ।

କଖାରୁ ଡଙ୍କ ଭଳି ଡଙ୍କେଇ ଯାଇଥିବା
ମୋର ତମାମ ଆୟୁଷକୁ ଭେଦ କରି
ଏପ୍ରିଲର ତତଲା ନିଃଶ୍ୱାସ ଧସେଇ ପଶୁଛି
ଶିରାପ୍ରଶିରାର ପ୍ରତିଟି ସନ୍ଧିକୁ ।

ନିଆଁ ଲାଗିଛି ରଙ୍ଗବେରଙ୍ଗର ଫୁଲ ବଗିଚାରେ
ହୁତୁହୁତୁ ଜାଳିପୋଡି ପାଉଁଶ ହେଉଛି
ମୋ' ଅଣାୟତ୍ତ ସକଳ ଇଛା ଓ ସମ୍ଭାବନା
ନହକି ଯାଉଛି ସମୟ ଧୀରେ ଧୀରେ
ଡେଙ୍ଗା ବାଉଁଶଗଛର ଦୁର୍ବଳ ଭାଗ୍ୟକୁ ନେଇ ।

ଅନ୍ତରର ଅନ୍ତହୀନ ଆତ୍ମୀୟତା
ଆତ୍ମଗୋପନ କରୁଛି ଚୈତ୍ରର ଚିତ୍ରିତ ଛାତିରେ
ବାଟବଣା ହେଉଛି ବସନ୍ତର ସମ୍ମୋହନ,
ବିଶ୍ୱସନୀୟତାର ସବୁଜ ଦିଗନ୍ତ ।

ସାପ ଭଳି ଫଣାଟେକି ଗର୍ଜନ କରୁଛି
ଧୂ ଧୂ ଖରାବେଳ ମରୁଭୂମିର ବାଲୁକା ଶଯ୍ୟାରେ
ଚୁଁ ଚୁଁ ଶୋଷି ନେଉଛି ପୋଷ ପୋଷ ରକ୍ତ
ବିଚରା ହାଇମାରୁଛି ଅସହାୟ ଅପରାହ୍ନ ।

ଏଇ ଦେଖ,ଏପ୍ରିଲ ଛୁଇଁଲା ପରେ
ବାଟ ଭାଙ୍ଗି ଦୂରେଇ ଯାଉଛି
ପ୍ରଗଳ୍ଭା ନଈର ଉଛୁଳା ସୁଅ ସମୁଦ୍ରର ଅଥଳ ଗର୍ଭକୁ
ଝଡଭର୍ତ୍ତି ଆକାଶଟା ଲଟକି ରହିଛି
ମୁଠା ମୁଠା ଅନ୍ଧାର ଓ ଆଲୋକର ଆବର୍ତ୍ତ ମଧ୍ୟରେ ।

ଅଘୋଷିତ ଓ ଅସମାପ୍ତ ରାଜିନାମାରେ
ସ୍ୱାକ୍ଷର କରୁଛି ମୋ' କାକୁସ୍ଥ ଜୀବନ
ଓ କାରୁଣ୍ୟର ଆତ୍ମଲିପି,
ଜାବୁଡ଼ି ଧରିଛି ପ୍ରତିଟି ରକ୍ତ ବିନ୍ଦୁକୁ
ମୋ' ସମଗ୍ର ଅସ୍ତିତ୍ୱର ଜଡତା
ଲୁହ ଢାଳୁଛି ବସନ୍ତର ଶେଷ ଅନୁରାଗ ନୀରବରେ
ଲୁଚି ଲୁଚି ଏଇ ଏପ୍ରିଲ ଛୁଇଁଲା ପରେ ମାଟିକୁ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## କବିତା କଳ୍ପଲତା



ନିରଞ୍ଜନ ସାହୁ

ତୁମେ ଆସିଗଲେ କବିତା ଆସଇ
ତୁମେ ଖସିଗଲେ ଯାଏ
ବୁଝି ମୁଁ ପାରୁନି କବିତା କାହିଁକି
ତୁମକୁ ହିଁ ଭଲପାଏ ।

ତୁମରି ପ୍ରେମରେ ପଡ଼ିଅଛି ମୁହିଁ
କବିତା ଗଲା କି ଜାଣି
ସେଥିପାଇଁ ବୋଧେ ତାହାରି ମନକୁ
ତୁମ ଆଡେ ନିଏ ଟାଣି
ତୁମ ପ୍ରଶଂସାରେ ଶତମୁଖ ହୋଇ
ସତରେ କବିତା ଗାଏ ।

ହାତରେ ଯେବେ ମୋ କାଗଜ କଲମ
ମନରେ ଭାବନା ଆସେ
ସେହି ଭାବନାରେ ତୁମେ ଆସିଗଲେ
କବିତା ମହକି ବାସେ
କବିତା ପଦର ପ୍ରତିଟି ଶବ୍ଦରେ
ତୁମରି ସ୍ମୃତି ହିଁ ଥାଏ ।


♥ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ : ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ଚିଠି



ଡ. ସ୍ନିଗ୍ଧା ପଣ୍ଡା

ପଢିବୁ କି ନାହିଁ ନ ଜାଣି ଲେଖୁଛି
ଅଲେଖା କାଲିର ଚିଠି
ସବୁ ଜନ୍ମର
ଭାବ ଅଭାବର
ଲୋଡିବା ପଣର
ଆକୁଳତା ଅଛି ସେଠି ?

ଦେହକୁ, ମନକୁ ବାଦ୍ ? ଦେଲା ପରେ
ଟିକିଏ ଟିକିଏ ଯୋଡି
ଆତ୍ମାର ଯେତେ ଆୟୁଷ ରହିଛି ବାକି
ସେତିକି ସମୟ ଲେଖିବି ଭାବିଲି
ଏଣେ ମୁଦି ଆସୁଅଛି ଆଖି

ଅଧା ଅଧା ନିଦ ଅଧା ଅଧା ସ୍ୱପ୍ନ
ଭିତରେ ଅକ୍ଷର ଯାଉଛି ଛପି ?

ଆଉ କେହି କିଛି ପଢି ପାରିବନି,
ବୁଝି ପାରିବନି
ଅନ୍ତରତଳର ଗହନ ଭାଷା
ଖସି ପଡିଥିବା ଲୁହରେ
ଲିଭି ଯାଇଥିବା ଧାଡିର ବାସ୍ନା
ଛୁଇଁବ କି ନାହିଁ ମନକୁ ତୋର
ଜାଣେ ନା ତଥାପି
ଛାତିର କୋହକୁ ଲୁଚାଇ ଲେଖୁଚି
ଧରା ପଡି ଏଣେ
କଲମ ଖସୁଚି ଥରକୁ ଥର ?

ତତେ ଜଣା ନାହିଁ ଏମିତି ଲେଖୁଚି
ଲେଖିବା ସରୁନି,
କେବେ ବୋଧେ ଆଉ ସରିବ ନାହିଁ
ପଠେଇବା କଥା ଦୂରେ ଥାଉ ମୋର
ଫେରିବାର ବେଳ ହେଲାଣି ସିନା
ଲେଖା ସାରିବାକୁ ବେଳ ନାହିଁ ?


♥ ଗଣ୍ଡମୁଣ୍ଡା, ଭୁବନେଶ୍ୱର
ଦୂରଭାଷ- ୯୮୬୧୩୨୩୬୫୦
ଭୁବନେଶ୍ୱର
୯୮୬୧୩୨୩୬୫୦

# ମା' ହେବେ କ୍ୟାଟ୍ରିନା



ବିକ୍କି କୌଶଲଙ୍କ ଘରକୁ ଆସିବ ନୂଆ ଅତିଥି। ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି ମିସେସ୍ ବିକ୍କି କୌଶଲ ଓରଫ୍ କ୍ୟାଟ୍ରିନା କୈଫ। ସେ କୁଆଡେ ଗର୍ଭବତୀ ଅଛନ୍ତି। ଏନେଇ ସୋଶାଲ ମିଡିଆରେ ଜୋରସୋରରେ ଖବର ଭାଇରାଲ ହେବାରେ ଲାଗିଛି।

ବାସ୍ତବରେ ନିକଟରେ କ୍ୟାଟ୍ରିନାଙ୍କୁ ମୁମ୍ବାଇ ବିମାନ ବନ୍ଦରରେ ଦେଖିବାକୁ ମିଳିଥିଲା। ଏହି ସମୟରେ କ୍ୟାଟ୍ରିନା ଏକ ଢ଼ିଲା ଗୋଲାପୀ ରଙ୍ଗର ସାଲୱାର କମିଜ ପିନ୍ଧିଥିବା ନଜର ଆସିଥିଲେ। ତାଙ୍କର ଏହି ଢ଼ିଲା ପୋଷାକ ପିନ୍ଧିବାକୁ ଦେଖି ସେ କୁଆଡେ ଭର୍ଗବତୀ ଥିବା ଚର୍ଚ୍ଚା ହେଉଛି। ଫଟୋଗ୍ରାଫର ବିରଲ ଭୟାନୀ କ୍ୟାଟ୍ରିନାଙ୍କ ଏହି ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓକୁ ଦେଖି ତାଙ୍କ ଫ୍ୟାନ୍‌ମାନେ କ୍ୟାଟ୍ରିନା ଗର୍ଭବତୀ ଥିବା ନେଇ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି। କିଛି ୟୁଜର୍ସ ଏହି ଭିଡିରେ କମେଣ୍ଟ ଦେଇ ପଚାରିଛନ୍ତି ସେ ଗର୍ଭବତୀ ଅଛନ୍ତି କି? ଆଉ ଜଣେ ୟୁଜର ଲେଖିଛନ୍ତି, କ୍ୟାଟ୍ରିନା ଗର୍ଭବତୀ କି? ଅନ୍ୟ ଜଣେ ୟୁଜର ଆଶ୍ଚର୍ଯ୍ୟ ଇଭୋଜି ଦେଇ ହୋଇ ଲେଖିଛନ୍ତି, ଗର୍ଭବତୀ! ଏହିପରି ପ୍ୟାନ୍ସ କ୍ୟାଟ୍ରିନା କୈଫଙ୍କ ପ୍ରେଗନେଣ୍ଟ ଥିବା ନେଇ ସୋଶାଲ ମିଡିଆରେ ଗୁଜବ ଆରମ୍ଭ କରିଦେଇଛନ୍ତି। ସେପଟେ ଅନେକ ଫ୍ୟାନ୍ ତାଙ୍କ ସାଲୱାର ଲୁକକୁ ପ୍ରଶଂସା ମଧ କରିଛନ୍ତି। ଗତବର୍ଷ ଡିସେମ୍ବର ମାସରେ ରାଜସ୍ଥାନ ଯୋଧପୁରରେ ବିକ୍କି କୌଶଲ ଓ କ୍ୟାଟ୍ରିନାଙ୍କ ବିବାହ ହୋଇଥିଲା। ବିବାହ ପରଠାରୁ ଏହି ଅଭିନେତ୍ରୀ କେତେବେଳେ ନିଜ ବ୍ୟକ୍ତିଗତ ଜୀବନ ତ ଆଉ କେତେବେଳେ ନିଜ ଅଫିସିଆଲ ଲାଇଫ୍‌କୁ ନେଇ ଲାଇମଲାଇଟ୍‌ରେ ରହୁଛନ୍ତି। କ୍ୟାଟ୍ରିନା ତାଙ୍କର ଅଧିକାଂଶ ସମୟ ସ୍ୱାମୀ ବିକ୍କି କୌଶଲଙ୍କ ସହ ବିତାଉଛନ୍ତି। ଏଥିସହ ସେ ସୋଶାଲ ମିଡିଆରେ ମଧ ବେଶ୍ ଆକ୍ଟିଭ ଅଛନ୍ତି। ଆଗକୁ କ୍ୟାଟ୍ରିନାଙ୍କୁ ତାଙ୍କ ଅପ୍‌କମିଂ ଫିଲ୍ମ 'ଟାଇଗର-୩'ରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ଅପୋଜିଟ୍‌ରେ ସଲମାନ ଖାନ୍ ଅଛନ୍ତି। ସେ ନିକଟରେ ଏହି ଫିଲ୍ମର ଶୁଟିଂ ପାଇଁ ତୁର୍କି ଯାଇଥିଲେ।

# ସୋନମଙ୍କ ଘରୁ ଅଢ଼େଇ କୋଟି ଚୋରି କରି ଧରାପଡିଲେ ନର୍ସ



ବଲିଉଡ ଅଭିନେତ୍ରୀ ସୋନମ କପୁର ଓ ତାଙ୍କ ସ୍ୱାମୀ ଆନନ୍ଦ ଅହୁଜାଙ୍କ ଘରୁ ଅଢ଼େଇ କୋଟି ଟଙ୍କାର ସୁନା ଅଲଙ୍କାର ଚୋରି କରି ଧରାପଡିଲେ ନର୍ସ। ଏହି ଚୋରି ମାମଲାରେ ପୁଲିସ ଜଣେ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନରେଶ ଓ ଅପର୍ଣ୍ଣା। ଏଦୁହେଁ ପତି ପତ୍ନୀ। ଅପର୍ଣ୍ଣା ନର୍ସ ଭାବେ କାମ କରନ୍ତି। ସୂଚନା ମୁତାବକ, କିଛି ଦିନ ତଳେ ସୋନମ କପୁରଙ୍କ ଦିଲ୍ଲୀ ସ୍ଥିତ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ଘରୁ ଅଢ଼େଇ କୋଟି ଟଙ୍କାର ସୁନା ଅଲଙ୍କାର ସମେତ ନଗଦ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ମାମଲା ହୋଇଥିଲା। ଏହି ଘଟଣାରେ ଦିଲ୍ଲୀ ପୁଲିସ ଏବେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ସୋନମଙ୍କ ଜେଜି ଶାଶୁ ସାରଳା ଅହୁଜାଙ୍କ ବ୍ୟକ୍ତିଗତ ନର୍ସ ଥିବା ଅପର୍ଣ୍ଣା ହିଁ ଏହି ଚୋରି କରିଥିବା ଜଣାପଡିଛି। ଦିଲ୍ଲୀ ସ୍ଥିତ ଅମୃତା ସେରଗିଲ ମାର୍ଗରେ ଥିବା ସୋନମ କପୁରଙ୍କ ଶାଶୂ ଘରକୁ ଅପର୍ଣ୍ଣା ଯିବା ଆସିବା କରୁଥିଲେ। ସେ ସୋନମଙ୍କ ଶାଶୂଙ୍କ ଦେଖାଶୁଣା କରୁଥିଲେ। ଅପର୍ଣ୍ଣାଙ୍କ ସ୍ୱାମୀ ନରେଶ ଏକ ଘରୋଇ ଫାର୍ମରେ ଆକାଉଣ୍ଟାଣ୍ଟ ରୂପେ କାମ କରେ। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ମୁତାବକ, ମଙ୍ଗଳବାର ରାତିରେ ଦିଲ୍ଲୀ ପୁଲିର ଏକ ଟିମ୍ ସରିତା ବିହାରରେ ଚଢ଼ାଉ କରିଥିଲେ। ଏଠାରୁ ହିଁ ଅପର୍ଣ୍ଣା ଓ ତାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିଲା। ଅମୃତା ସେରଗିଲ୍ ସ୍ଥିତ ସୋନମଙ୍କ ଶାଶୂ ଘରେ କାମ କରୁଥିବା ଅଧିକାଂଶ ଲୋକଙ୍କୁ ପଚରା ଉଚରା ଜାରି ରହିଛି। ଧାରା ୩୮୧ ଅନୁଯାୟୀ ଏଫଆଇଆର ରୁଜୁ ହୋଇଛି। ଏହି ମାମଲରେ ଅଧିକ ତଦନ୍ତ ଜାରି ରହିଥିବା ନେଇ ପୁଲିସ କହିଛି। ଉଲ୍ଲେଖ ଯୋଗ୍ୟ ଯେ, ସୋନମ କପୁର ଓ ତାଙ୍କ ସ୍ୱାମୀ ଆନନ୍ଦ ଅହୁଜାଙ୍କ ଘରୁ ୨.୪ କୋଟି ଟଙ୍କାର ଅଳଙ୍କାର ଓ ନଗଦ କିଛି ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଫେବୃଆରୀ ୧୧ ତାରିଖରେ ଘରେ ଚୋରି ହୋଇଥିବା ନେଇ ସେମାନେ ଜାଣିବାକୁ ପାଇଥିଲେ। ଏହାପରେ ଫେବୃଆରୀ ୨୩ରେ ସେମାନେ ଏଫଆଇଆର ରୁଜୁ କରିଥିଲେ।

# କାହା କଥା ମାନି ଅଧୀରା ଚରିତ୍ର କରିବାକୁ ରାଜି ହୋଇଥିଲେ ସଞ୍ଜୁ ବାବା ?



କନ୍ନଡ଼ ଅଭିନେତା ୟଶ୍ ଓ ବଲିଉଡ୍‌ର ସଞ୍ଜୁ ବାବାଙ୍କ ଅଭିନୀତ କେଜିଏଫ୍ ଚାପ୍ଟର୍ ୨ ଏପ୍ରିଲ ୧୪ରେ ରିଲିଜ ହୋଇଛି। ରିଲିଜ ପୂର୍ବରୁ ଏବେ ଏହାର ପ୍ରମୋସନ ଆରମ୍ଭ କରିଦେଇଛନ୍ତି ଫିଲ୍ମର ନିର୍ଦ୍ଦେଶକ ଓ କଳାକାର। ଚଳଚ୍ଚିତ୍ରର ହିରୋ ରକି ଭାଇ ଓ ଭିଲେନ୍ ଅଧୀରାଙ୍କ ମଧ୍ୟରେ ଜବରଦସ୍ତ ଆକ୍ସନ ସାଙ୍ଗକୁ ଫାଇଟିଂ ଓ ଷ୍ଟଣ୍ଟ୍ ଦୃଶ୍ୟ ଦେଖିବା ପାଇଁ ମିଳିବ। ନିଜ ଫିଲ୍ମ କ୍ୟାରିୟରେ ପ୍ରଥମ ଥର ପାଇଁ ଏଭଳି ଭିନ୍ନ ଅବତାରରେ ନଜର ଆସିବେ ସଞ୍ଜୁ ବାବା। ତେବେ ଆପଣ ଜାଣନ୍ତି କି, ପ୍ରଥମେ ଏହି ଚରିତ୍ର କରିବାକୁ ରାଜି ନଥିଲେ ସଞ୍ଜୁ ବାବା। ହେଲେ ପରେ ତାଙ୍କ ପତ୍ନୀ ମାନ୍ୟତା ଦତ୍ତ ତାଙ୍କୁ ଏହି ଚରିତ୍ର କରିବା ପାଇଁ ରାଜି କରାଇଥିଲେ। ଫିଲ୍ମର ପ୍ରମୋସନ ସମୟରେ ସଞ୍ଜୁ ବାବା କହିଥିଲେ ଯେ, କେଜିଏଫ୍ ଚାପ୍ଟର୍ ୨ର ସୁଟିଂ ସମୟରେ ମୁଁ ବହୁତ କିଛି ଶିଖିଛି। ସମସ୍ତେ ଗୋଟିଏ ପରିବାର ଭଳି କାମ କରିଥିଲୁ।

# ପୌରାଣିକ ଚରିତ୍ରରେ ସୋନାଲ



ଓମ୍ ରାଉତଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଚଳଚ୍ଚିତ୍ର 'ଆଦିପୁରୁଷ'ର ସୁଟିଂରେ ଯୋଗ ଦେଇଛନ୍ତି ଅଭିନେତ୍ରୀ ସୋନାଲ ଚୌହାନ। ପ୍ରଭାସ, ସୈଫ ଅଲୀ ଖାନ ଓ କୃତି ସାନନଙ୍କ ଭଳି ଲୋକପ୍ରିୟ ତାରକାଙ୍କୁ ନେଇ ଏହି ସିନେମାର ସୁଟିଂ ପୂର୍ବରୁ ଆରମ୍ଭ ହୋଇଥିଲା। ଏମାନଙ୍କ ସହିତ ଏବେ 'ଜନ୍ନତ' ପ୍ରସିଦ୍ଧ ଅଭିନେତ୍ରୀ ସୋନାଲ ସୁଟିଂରେ ଯୋଗ ଦେଇଛନ୍ତି। ଏହି ପୌରାଣିକ ଚଳଚ୍ଚିତ୍ରଟି ରାମାୟଣର କଥାବସ୍ତୁ ଉପରେ ଆଧାରିତ। ଏଥିରେ କେଉଁ ଭୂମିକାରେ ଦେଖାଦେବେ ସେ କଥା ସୋନାଲ ପ୍ରକାଶ କରିନାହାନ୍ତି। ତେବେ ସେ କହିଛନ୍ତି ଯେ ପୂର୍ବରୁ କରିଥିବା ବିଭିନ୍ନ ଚରିତ୍ରରୁ ଏହି ଚଳଚ୍ଚିତ୍ରରେ ତାଙ୍କୁ ମିଳିଥିବା ଚରିତ୍ର



ସଂପୂର୍ଣ୍ଣ ଅଲଗା, ତେଣୁ ସେ ଏଥିପାଇଁ ଅତ୍ୟନ୍ତ ଉତ୍ସାହିତ। ବାସ୍ତବରେ ଏହା ସୋନାଲଙ୍କ କ୍ୟାରିୟରର ପ୍ରଥମ ପୌରାଣିକ ଫିଲ୍ମ। ୨୦୦୮ରେ 'ଜନ୍ନତ' ଚଳଚ୍ଚିତ୍ର ଜରିଆରେ ବଲିଉଡ୍‌ରେ ପଦାର୍ପଣ କରି ସେ ସମୟରେ ସୋନାଲ ଈର୍ଷଣୀୟ ପ୍ରସିଦ୍ଧି ହାସଲ କରିଥିଲେ। ସେବେ ଠାରୁ ସେ ବିଭିନ୍ନ ତେଲୁଗୁ ଓ ବଲିଉଡ୍ ସିନେମାରେ ଅଭିନୟ କରିଆସୁଛନ୍ତି। 'ଆଦିପୁରୁଷ' ୨୦୨୩ ଜାନୁଆରିରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଆସନ୍ତା ମେ ୨୭ରେ ତାଙ୍କର 'ଦି ଘୋଷ୍ଟ' ନାମକ ତେଲୁଗୁ ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ସୋନାଲ ନାଗାର୍ଜୁନଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି।

# ଆଦ୍ୟ ଆକର୍ଷଣରେ ଆଚ୍ଛନ୍ନ



ଯେତେ ଦକ୍ଷ କଳାକାର ହୁଅନ୍ତୁ ନା କାହିଁକି, ନିଜର ପେସାଗତ ଜୀବନରେ ନାନା ଜୁଆର ଭଟ୍ଟାକୁ ସାମନା କରିବାକୁ ପଡ଼ିଥାଏ। ସଫଳତାରେ କେହି କେହି ଅତିଶୟ ଉତ୍ସାହିତ ହୋଇପଡ଼ିଥିବା ବେଳେ ସାମାନ୍ୟ ବିଫଳତା ହିଁ କାହାକୁ ପଥ ପରିବର୍ତ୍ତନ ପାଇଁ ବାଧ କରିଥାଏ। ଫଳସ୍ୱରୂପ ଜୀବନର ମୋଡ଼ ବି ବଦଳିଯାଇଥାଏ। ତେବେ ପ୍ରାରମ୍ଭରେ କିଛି ଅପ୍ରତ୍ୟାଶିତ ସମ୍ମାନ ଓ ଆଶାତୀତ ଦର୍ଶକୀୟ ସ୍ୱୀକୃତି ମିଳିଗଲେ ସେହି ପେସା ପ୍ରତି ମନ ଆପେ ଆପେ ଆଚ୍ଛନ୍ନ ହୋଇପଡ଼େ ଏବଂ ଜୀବନର ଗତିପଥ ସାବଲୀଳ ହୋଇପଡ଼େ। ଏହାର ଏକ ନିଚ୍ଛକ ନମୁନା ହେଉଛନ୍ତି ଅଭିନେତ୍ରୀ ତାରା ସୁତାରିଆ। ଜଣେ ପ୍ରଶିକ୍ଷିତ ନୃତ୍ୟାଙ୍ଗନା ଏବଂ ପେସାଗତ କଣ୍ଠଶିଳ୍ପୀ ହୋଇ ମଧ ତାଙ୍କୁ ଅଭିନୟ ଜୀବନ ଆରମ୍ଭର ସାତ ବର୍ଷ ପରେ ସିନେମାରେ ଦକ୍ଷତା ପ୍ରତିପାଦନ କରିବାର ସୁଯୋଗ ମିଳିଥିଲା। ତେବେ ପ୍ରଥମ ସିନେମା ହିଁ ତାଙ୍କ ପାଇଁ ଏପରି ଗ୍ରହଣୀୟତା ଓ ପ୍ରତିଷ୍ଠା ଆଣିଥିଲା ଯେ ତାଙ୍କୁ ଅନ୍ୟ ପେସା କଥା ଭାବିବା ଦରକାର ପଡ଼ିନି। ମୁମ୍ବାଇରେ ୧୯୯୫ ନଭେମ୍ବର ୧୯ ତାରିଖରେ ଏକ ପାର୍ସି ପରିବାରରେ ଜନ୍ମିତ ତାରା ଗଣଯୋଗାଯୋଗ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ସେ ମଧ ଶାସ୍ତ୍ରୀୟ ବାଲେ, ଆଧୁନିକ ନୃତ୍ୟ ଓ ପାଶ୍ଚାତ୍ୟ ନୃତ୍ୟରେ ଜଣେ ତାଲିମପ୍ରାପ୍ତ ନୃତ୍ୟଶିଳ୍ପୀ। ଏଥି ସହିତ ମାତ୍ର ସାତ ବର୍ଷ ବୟସ ବେଳୁ ସେ ଜଣେ ପେସାଗତ ଗାୟିକା। ସେବେଠାରୁ ନିରନ୍ତର ଭାବେ ବିଭିନ୍ନ ନାଟକ ଓ ପ୍ରତିଯୋଗିତାମାନଙ୍କରେ ନିଜ କଣ୍ଠର ଯାଦୁ ପରଶି ଆସିଛନ୍ତି। ତେବେ ସାମ୍ବାଦିକତା ପ୍ରତି ଦୁର୍ବଳତା ଥିବା ତାରା ତାହାକୁ ପେସା କରିବା ସହ ଜଣେ ସୌଖୀନ କଳାକାର ଭାବେ ନୃତ୍ୟ ଓ କଣ୍ଠସଂଗୀତ ପରିବେଷଣ କରିବେ ବୋଲି ସ୍ୱପ୍ନ ଦେଖିଥିଲେ। ଅପରପକ୍ଷେ, ଅଭିନୟ ପ୍ରତି ତାଙ୍କର ସେଭଳି ରୁଚି ନଥିଲା। ମାତ୍ର ସଂଯୋଗବଶତଃ ଡିସନି ଚ୍ୟାନେଲ୍‌ରେ ଜଣେ ଉପସ୍ଥାପିକା ଭାବେ ନିଜକୁ ଭେଟି ଦେଲା ପରେ ତାଙ୍କର ରୁପେଲି ପରଦା ପ୍ରତି ମୋହ ଆସିଯାଇଥିଲା। ଏହାପରେ ୨୦୧୨ରେ ଉକ୍ତ ଚ୍ୟାନେଲ୍ ଦ୍ୱାରା ପ୍ରଯୋଜିତ 'ଦି ସ୍ୱିଟ୍ ଲାଇଫ୍ ଅଫ୍ କରନ'ରେ ତାଙ୍କ ଅଭିନୀତ ବିନି ଚରିତ୍ର ଏବଂ ୨୦୧୩ରେ 'ଓୟେ ଜେସି'ରେ ତାଙ୍କର ଜେସି ଭୂମିକା ଦ୍ୱାରା ସେ ଦର୍ଶକଙ୍କ ପାଖରେ ଏକ ପରିଚିତ ମୁହଁ ପାଲଟିଯାଇଥିଲେ। ତେବେ ୨୦୧୯ରେ ତାଙ୍କର ପ୍ରଥମ ପଦାର୍ପଣ ହିନ୍ଦୀ ଫିଲ୍ମ 'ଷ୍ଟୁଡେଣ୍ଟ୍ ଅଫ୍ ଦି ଇଅର-୨' ହିଁ ତାଙ୍କ ପାଇଁ ଅଜସ୍ର ସୁନାମ ଆଣିଦେଇଥିଲା। ଏଥିପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବେ ସ୍କ୍ରିନ୍ ସମ୍ମାନ ଓ ଫିଲ୍ମଫେୟାର ସମ୍ମାନ ପାଇଁ ସୁପାରିସ କରାଯାଇଥିବା ବେଳେ ସେ ଜୀ ସିନେ ସମ୍ମାନ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ସେହିପରି ସେହିବର୍ଷ ହିନ୍ଦୀ ଫିଲ୍ମ 'ମରଯ୍ୟାଁ'ରେ ଜଣେ ମୂକ ସଂଗୀତ ଶିକ୍ଷୟିତ୍ରୀ ଭାବରେ ତାଙ୍କର ଅଭିନୟ ପ୍ରଶଂସକ ଓ ସମୀକ୍ଷକମାନଙ୍କୁ ବେଶ୍ ମୁଗ୍ଧ କରିଥିଲା। ସେହିପରି ଗତବର୍ଷର ତାଙ୍କ ଅଭିନୀତ 'ତଡ଼ପ' ସିନେମାକୁ ମଧ ଅନୁରୂପ ଗ୍ରହଣୀୟତା ମିଳିଥିଲା। ଚଳିତବର୍ଷ ମୁକ୍ତିଲାଭ କରିବାକୁ ଥିବା 'ହିରୋପନ୍ତି-୨' ଓ 'ଏକ ଭିଲେନ୍ ରିଟର୍ଣ୍ଣସ' ସିନେମା ପାଇଁ ସେ ବେଶ ଉତ୍ସାହିତ ଅଛନ୍ତି ଏବଂ ପ୍ରଶଂସକମାନଙ୍କୁ ଆଦୌ ନିରାଶ କରିବେନି ବୋଲି କଥା ଦେଇଛନ୍ତି। ସେହିପରି ତାଙ୍କ ଅଭିନୀତ ସଂଗୀତ ଭିଡିଓ 'ମସକଲି' ଓ 'ହମ୍ ହିନ୍ଦୁସ୍ଥାନୀ' ମଧ ଯଥେଷ୍ଟ ଲୋକପ୍ରିୟ ହୋଇପାରିଛି। ତେବେ ନୃତ୍ୟଗୀତରେ ବିଶେଷ ପ୍ରଶିକ୍ଷଣ ପାଇ ମଧ ସେ ବିଭାଗକୁ ଅଧିକ ପ୍ରାଧାନ୍ୟ ନଦେଇ ସେ ଆଗକୁ କେବଳ ଅଭିନୟରେ ମନୋନିବେଶ କରିବେ ବୋଲି କହିଛନ୍ତି।

# ୧୦ ବର୍ଷ ପାଇଁ ବ୍ୟାନ୍ ହେଲେ ୱିଲ୍ ସ୍ମିଥ

ମିଳିଲା ମୁଥ ମାରିବା ସଜା। ଦଣ୍ଡିତ ହେଲେ ହଲିଉଡ ଅଭିନେତା ୱିଲ୍ ସ୍ମିଥ। ତାଙ୍କୁ ଓସ୍କାର ପୁରସ୍କାର ଉତ୍ସବରେ ସାମିଲ ହେବାକୁ ଲାଗିଲା ବ୍ୟାନ୍। ଏହି ପୁରସ୍କାର ଉତ୍ସବରେ ଆସନ୍ତା୧୦ ବର୍ଷ ପର୍ଯ୍ୟନ୍ତ ସାମିଲ ହୋଇପାରିବେନି ହଲିଉଡ ଷ୍ଟାର ୱିଲ୍ ସ୍ମିଥ୍। ନିକଟରେ ଶେଷ ହୋଇଥିବା ଓସ୍କର ଆୱାର୍ଡରେ ଖ୍ୟାତନାମା କମେଡିଆନ୍ କ୍ରିସ୍ ରକ୍‌ଙ୍କୁ ମୁଥ ମାରି ଚର୍ଚ୍ଚାର ଘେରକୁ ଆସିଥିଲେ ୱିଲ ସ୍ମିଥ୍। ଏହି ଉତ୍ସବରେ କ୍ରିସ୍ ରକ୍‌ଙ୍କୁ ମୁଥ ମାରିବା କାରଣରୁ ତାଙ୍କୁ ଓସ୍କର ଆୱାର୍ଡରୁ ୧୦ ବର୍ଷ ପର୍ଯ୍ୟନ୍ତ ସାମିଲ ହେବା ଉପରେ ପ୍ରତିବନ୍ଧକ ଲଗାଯାଇଛି। ହଲିଉଡ ଫିଲ୍ମ ଆକାଡେମୀର ବୋର୍ଡ ଅଫ୍ ଗଭର୍ନର ପକ୍ଷରୁ ଏହି ସୂଚନା ଦିଆଯାଇଛି। ୱିଲ ସ୍ମିଥ୍ ଓସ୍କର ସହ ହଲିଉଡ ଆକାଡେମୀ ପକ୍ଷରୁ ଆୟୋଜିତ କୌଣସି କାର୍ଯ୍ୟକ୍ରମରେ ମଧ ଯୋଗ ଦେଇପାରିବେ ନାହିଁ। ୨୦୨୨ ଓସ୍କର ଆୱାର୍ଡ ଉତ୍ସବରେ ହଲିଉଡ ଅଭିନେତା ୱିଲ ସ୍ମିଥ୍ ଷ୍ଟେଜ୍ ଉପରେ କମେଡିଆନ୍ କ୍ରିସ୍ ରକ୍‌ଙ୍କୁ ମୁଥ ମାରିଥିଲେ। କ୍ରିସ୍ ରକ୍ ଅଭିନେତା ୱିଲ୍ ସ୍ମିଥଙ୍କ ପତ୍ନୀଙ୍କ ଉପରେ ଷ୍ଟେଜ୍ ଉପରେ ରହି ଟିପ୍ପଣୀ କରିଥିଲେ। ଏହି କଥାକୁ ନାପସନ୍ଦ କରିବା ସହ ସେ ପ୍ରବଳ ରାଗି ଯାଇଥିଲେ। କାର୍ଯ୍ୟକ୍ରମ ମଝିରେ ୱିଲ ସ୍ମିଥ୍ ଷ୍ଟେଜ୍ ଉପରକୁ ଯାଇ କ୍ରିସ୍ ରକ୍‌ଙ୍କୁ ମୁଥ ମାରିଥିଲେ। ଏହି ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରେ ୱିଲ ସ୍ମିଥ ନିଜ କରିଥିବା ଭୁଲ୍ ପାଇଁ ସମସ୍ତଙ୍କ ସାମ୍ନାରେ କ୍ରିସ୍‌ଙ୍କୁ କ୍ଷମା ମାଗିବା ସହ କାନ୍ଦିଥିଲେ।



# ହଲ୍‌ରେ ସୁନ୍ଦରୀଙ୍କୁ ଦେଖି ଫିଦା ହୋଇଗଲେ ଭାଇଜାନ୍



୫୬ ବର୍ଷରେ ପଦାର୍ପଣ କରି ସାରିଥିବା ଭାଇଜାନ ସଲମାନ ଖାନ ଏବେବି ବଲିଉଡର ମୋଷ୍ଟ ଇଲିଜିବୁଲ ବ୍ୟାଚଲର । ତାଙ୍କ ପାଇଁ ପାଗଳ ବହୁ ଯୁବତୀ। ସଲମାନଙ୍କ ଗାର୍ଲଫ୍ରେଣ୍ଡ ତାଲିକା ବି କିଛି କମ୍ ନୁହେଁ। ବହୁ ହିରୋଇନଙ୍କ ସହ ତାଙ୍କର ଥିଲା ଆଫେୟାର । ତଥାପି ସେ ସିଙ୍ଗଲ। କେବଳ ଦେଶରେ ନୁହେଁ, ଦେଶ ବାହାରେ ବି ସଲମାନଙ୍କ ଦିୱାନୀଙ୍କ ତାଲିକା କିଛି କମ୍ ନୁହେଁ। ତାଙ୍କର ଏକ ଝଲକ ପାଇବାକୁ ଯୁବତୀ ପାଗଳ । ହେଲେ ସଲମାନ କାହା ପାଇଁ ପାଗଳ। ସଲମାନଙ୍କ ଏକ ଥ୍ରୋବ୍ୟାକ୍ ଫଟୋ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଟୋରେ ସଲମାନ ଏକ ହଲ୍‌କୁ ଯାଇଥିବା ବେଳେ ସେଠାରେ ତାଙ୍କ ନଜର ଜଣେ ସାଧାରଣ ଯୁବତୀଙ୍କ ଉପରେ ପଡ଼ିଥିଲା। ଯୁବତୀଙ୍କ ଉପରେ ଆଖି ପଡୁ ପଡୁ ସଲମାନଙ୍କ ମୁହଁରେ ଦେଖିବାକୁ ମିଳିଛି ଅଜବ ସ୍ମାଇଲ । ଏହି ଫଟୋ ଏବେ ସୋଶାଲ ମିଡିଆରେ ଖୁବ୍ ଜୋରରେ ଭାଇରାଲ ହେଉଥିବା ବେଳେ ଭାଇଜାନଙ୍କ ଅନ୍ଦାଜ ଫ୍ୟାନ୍ସଙ୍କୁ ବି ଖୁବ୍ ପସନ୍ଦ ଆସୁଛି। ହେଲେ ଏହି ଫଟୋ କେବେକାର ତାହା ସ୍ପଷ୍ଟ ହୋଇ ନାହିଁ। ଜଣେ ସୋଶାଲ ମିଡିଆ ୟୁଜର୍ସ କହିଛନ୍ତି, ଭାବୁଛି ଭାଇଜାନଙ୍କ ଦିଲ୍ କାହା ଉପରେ ଆସିଯାଇଛି। ଆଉ ଜଣେ ଲେଖିଛନ୍ତି, ଆଇ ଲଭ ୟୁ ସଲମାନ । ଆଉ କିଛି ପଚାରିଛନ୍ତି ଏହି ଖୁବସୁରତ ହସିନା କିଏ । ୱର୍କଫ୍ରଣ୍ଟ କଥା କହିଲେ, ସଲମାନ ଶେଷ ଥର ପାଇଁ 'ଅନ୍ତିମ' ଫିଲ୍ମରେ ନଜର ଆସିଥିଲେ। ଖୁବ୍‌ଶୀଘ୍ର ତାଙ୍କୁ କ୍ୟାଟ୍ରିନାଙ୍କ ସହ ଟାଇଗର-୩ରେ ଦେଖିବାକୁ ମିଳିବା ।

# ୧୧୦ କୋଟିରେ ବିକ୍ରି ହେବ ଆଲିଆ-ରଣବୀରଙ୍କ ବିବାହ ଭିଡିଓ !

ସାତ ଜନ୍ମର ସାଥୀ ହେବେ ଆଲିଆ-ରଣବୀର। ବାଜିବ ଶାହାନାଇ, ପଡିବ ହାତଗଣ୍ଠି। ଆଜି ଦୁହେଁ ବୟଫ୍ରେଣ୍ଡ ଗାର୍ଲଫ୍ରେଣ୍ଡରୁ ସାଜିବେ ପତିପତ୍ନୀ। ଏହି ବିବାହ ଉପରେ ଏବେ ସମସ୍ତଙ୍କ ନଜର। ବିବାହର ଫଟୋ କିମ୍ବା ଭିଡିଓ ଟିକେ ପାଇବା ପାଇଁ ଲାଗିପଡିଛନ୍ତି ସମସ୍ତେ। କିନ୍ତୁ ଏହି ବିବାହକୁ ପୂରାପୁରି ସିକ୍ରେଟ ରଖାଯାଇଛି। ବିବାହର ଫଟୋ ହେଉ ଅବା ଭିଡିଓ ଯେପରି ଲିକ୍ ନହୁଏ ସେଥିପାଇଁ ହୋଇଛି କଡା ବନ୍ଦୋବସ୍ତ। ଏହାରି ଭିତିରେ କ୍ୟାଟ୍ରିନା ଓ ବିକ୍କି କୌଶାଲଙ୍କ ଭଳି ନିଜ ବିବାହର ଫଟୋ ଓ ଭିଡିଓକୁ ଓଟିଟି ପ୍ଲାଟଫର୍ମକୁ ବିକ୍ରି କରିଦେଇଥିବା କୁହାଯାଉଛି। ଏକ ବଡ ପ୍ଲାଟଫର୍ମରେ ଆଲିଆ-ରଣବୀର ନିଜ ବିବାହର ଫଟୋ ଓ ଭିଡିଓକୁ ବିକ୍ରି କରିଦେଇଥିବା ଶୁଣିବାକୁ ମିଳୁଛି। ବଲିଉଡର ଲାଇଫ୍‌ର ରିପୋର୍ଟ ଅନୁଯାୟୀ, ମାସକ ପରେ ଆଲିଆ-ରଣବୀରଙ୍କ ବିବାହର ଫଟୋ ଓ ଭିଡିଓକୁ ଓଟିଟି ପ୍ଲାଟଫର୍ମରେ ଲାଇଭ୍ କରାଯିବ। ନିଜ ବିବାହର ଫୁଟେଜକୁ ଏହି ଦୁଇ ଯୋଡି ପ୍ରାୟ ୯୦ରୁ ୧୧୦ କୋଟି ଟଙ୍କାରେ ବିକ୍ରି କରିଥିବା କୁହାଯାଉଛି। ତେବେ ଏନେଇ କୌଣସି ପକ୍ଷରୁ ସ୍ପଷ୍ଟ ସୂଚନା ମିଳିପାରି ନାହିଁ।



# ସରକାରୀ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଉପରେ ଅଂକୁଶକୁ ଛାତ୍ର କଂଗ୍ରେସର ବିରୋଧ

ଭୁବନେଶ୍ୱର,୧୪/୦୪ (ନି.ପ୍ର): ସରକାରୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ସେଲ୍ଫ ଫାଇନାସିଂ କୋର୍ସ ଉପରେ ଅଂକୁଶ ଲଗାଇବା ନିଷ୍ପତିକୁ ଦୃଢ଼ ନିନ୍ଦା କରିଛନ୍ତି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ। ଏହି ନିଷ୍ପତି ଦ୍ୱାରା ସେଲ୍ଫ ଫାଇନାସିଂ କୋର୍ସ ଆଡମିଶନ କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀମାନେ ସରକାରୀ ବିଶ୍ୱବିଦ୍ୟାଳୟରେ ପାଠପଢ଼ିବାରୁ ବଂଚିତ ହେବେ । ଘରୋଇ ବିଶ୍ୱବିଦ୍ୟାଳୟ ମାନେ ଲାଭାନ୍ୱିତ ହେବେ। ଗରିବ ମେଧାବୀ ଛାତ୍ରଛାତ୍ରୀ ମାନେ ଲକ୍ଷାଧିକ ଟଙ୍କା ଦେଇ ପାଠ ପଢ଼ିପାରିବେ ନାହିଁ ଏବଂ ସେମାନଙ୍କର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯିବ। ସରକାରୀ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାସିଂ କୋର୍ସରେ ୨୦ ପ୍ରତିଶତ ଛାତ୍ରଛାତ୍ରୀ ମାନଙ୍କର ଆଡମିଶନ ଅତ୍ୟନ୍ତ ନଗଣ୍ୟ। ତେଣୁ ଏହି ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଦାବି କରିଛନ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି । ଯଦି ରେଗୁଲାର କୋର୍ସ ପ୍ରଭାବିତ ହେବାର ପ୍ରସଙ୍ଗ ସରକାର ଅନୁଭବ କରୁଛନ୍ତି ତେବେ ସରକାର କଣପାଇଁ ଖାଲି ପଡ଼ିଥିବା ଅଧ୍ୟାପକ, ଅଧ୍ୟାପିକାମାନଙ୍କ ପଦବୀ ପୂରଣ କରିପାରୁ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ତୁରନ୍ତ ଏହି ନିଷ୍ପତିକୁ ପ୍ରତ୍ୟାହାର ନକରାଯାଏ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳ ତଥା କୁଳାଧିପତିଙ୍କୁ ଭେଟି ଦାବିପତ୍ର ଜଣାଇବା ସହ ଶିକ୍ଷାର ଘରୋଇ କରଣ ବିରୋଧରେ ରାଜ୍ୟବ୍ୟାପି ଆନ୍ଦୋଳନ କରିବ। ଅପରପକ୍ଷରେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କ ପ୍ରରୋଚନାରେ ଏଭଳି ଛାତ୍ର ବିରୋଧି ନିଷ୍ପତି ନିଆଯାଉଛି ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି । ଏଥିରେ କେବଳ ରାଜ୍ୟପାଳଙ୍କୁ ବ୍ୟବହାର କରାଯାଇଛି, ମାତ୍ର ଅସଲ ଚକ୍ରାନ୍ତ ମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସାହୁଙ୍କ ଅମଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଡମିଶନ ଜାଲିଆତି ଧରାପଡ଼ିଛି। ଏପ୍ରସଙ୍ଗରେ ଶିକ୍ଷାମନ୍ତ୍ରୀ ଶ୍ରୀ ସାହୁ ଚୁପ ବସିଛନ୍ତି। ଏହି ଜାଲିଆତିର ଦଲାଲମାନେ ବିଜେଡ଼ି ଦଳର କର୍ମକର୍ତା ଥିବା ଜଣାପଡ଼ିଛି। ବିଜେଡ଼ି ସରକାର ସେମାନଙ୍କୁ ସୁରକ୍ଷା ଦେଉଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି କୁଳାଧିପତିଙ୍କ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ଯେ ୨୦୨୨-୨୩ ଶିକ୍ଷା ବର୍ଷରୁ ସେଲ୍ଫ ଫାଇନାସିଂ କୋର୍ସରେ ବିଶ୍ୱବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ମାତ୍ର ୨୦ ପ୍ରତିଶତ ଛାତ୍ରଛାତ୍ରୀ ନାମ ଲେଖାଇ ପାରିବେ। ଏଥିରେ ଦର୍ଶାଯାଇଛି ଯେ ଅଧିକ ସେଲ୍ଫ ଫାଇନାସିଂ ବିଶ୍ୱବିଦ୍ୟାଳୟରେ ପଢ଼ାଯିବା ଦ୍ୱାରା ରେଗୁଲାର କୋର୍ସ ପ୍ରଭାବିତ ହେଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର, ସାଧାରଣ ସଂପାଦକ ସାଗର ପଟ୍ଟନାୟକ, ଭୁବନେଶ୍ୱର ଏକାମ୍ର ସଭାପତି ରିୟାଜ ଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

# ରବିଧାନ ନିମନ୍ତେ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀଙ୍କ ନାମ ଫଂଜୀକୃତ

ଭୁବନେଶ୍ୱର,୧୪/୦୪ (ନି.ପ୍ର): ରାଜ୍ୟର ୧୭ଟି ଜିଲ୍ଲାରେ ଚଳିତ ରବିଧାନ ବିକ୍ରି ନିମନ୍ତେ ମୋଟ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କର ନାମ ଫଂଜୀକରଣ କରିଛନ୍ତି । ୨୦୨୧ ବର୍ଷର ରବିଧାନ ତୁଳନାରେ ଚଳିତ ବର୍ଷ ଚାଷୀମାନଙ୍କ ନାମ ଫଂଜୀକରଣରେ ୧୧ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୧ ରବିଧାନ ସଂଗ୍ରହ ନିମନ୍ତେ ୨ ଲକ୍ଷ ୩୩ ହଜାର ଜଣ ଚାଷୀ ସେମାନଙ୍କ ନାମ ଫଂଜୀକରଣ କରିଥିଲେ । ଫଂଜୀକୃତ ଚାଷୀମାନେ ଦେଇଥିବା ଜମିଜମାର ରେକର୍ଡ ଓ ବ୍ୟାଙ୍କ ଆକାଉଂଟ, ଧାନଚାଷ କରିଥିବା ପ୍ରକୃତ ଜମି, ଜଳସେଚିତ ଜମିର ପରିମାଣ ଆଦିର ତଥ୍ୟ ଯାଞ୍ଚ ପରେ ଚାଷୀମାନଙ୍କ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ । ୨୦୨୧-୨୨ ବର୍ଷରେ ଖରିଫ୍ ଧାନଚାଷ ଜମିର ଯାଞ୍ଚ ନିମନ୍ତେ ପାଇଲଟ୍ ପ୍ରକଳ୍ପ ଭାବରେ ସାଟେଲାଇଟ୍ ଇମେଜରି ମାଧ୍ୟମରେ କରାଯାଇଥିବା ଯାଞ୍ଚ କାର୍ଯ୍ୟର ସଫଳତାକୁ ଦୃଷ୍ଟିରେ ରଖି ଚଳିତ ରବିଧାନ କରାଯାଇଥିବା ସମସ୍ତ ୧୭ଟି ଜିଲ୍ଲାର ଧାନଚାଷ ଜମିର ଯାଞ୍ଚ ସାଟେଲାଇଟ୍ ଇମେଜରି ମାଧ୍ୟମରେ କରାଯାଉଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଭୁଲ ତଥ୍ୟ ମିଳିଲେ ସଂପୃକ୍ତ ଜମିକୁ ବାଦ ଦିଆଯାଉଛି। ଫଂଜୀକରଣ ଓ ନାମ ଯାଞ୍ଚ ହୋଇଥିବା ଚାଷୀମାନେ ହିଁ ଉଦ୍ଦିଷ୍ଟ ମଣ୍ଡିରେ ସେମାନଙ୍କର ରବିଧାନ ବିକ୍ରି କରିପାରିବେ। ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ସଂପୂର୍ଣ୍ଣ ସ୍ୱଚ୍ଛ କରିବା ସହିତ ଚାଷୀମାନେ ଯେପରି ସହଜରେ ଓ ସୁବିଧାରେ ସେମାନଙ୍କର ଧାନ ବିକ୍ରି କରିପାରିବେ ସେଥି ନିମନ୍ତେ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଧାନ ବିକିବାରେ ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କ୍ଷେତ୍ର ଅଧିକାରୀ ତା'ର ତୁରନ୍ତ ସମାଧାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୧୭ଟି ଜିଲ୍ଲା ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିଧାନ ସଂଗ୍ରହ କରାଯିବ। ଏହିସବୁ ଜିଲ୍ଲାର ମଣ୍ଡିରେ ଚାଷୀମାନଙ୍କଠାରୁ ପି-ପାସ୍ ଓ ଆଗୁଆ ଟୋକେନ ପ୍ରଦାନ ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନସଂଗ୍ରହ କରାଯିବ। ରବିଧାନ ସଂଗ୍ରହ କାର୍ଯ୍ୟ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିଧାନ ନିମନ୍ତେ ମୋଟ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀ ନାମ ଫଂଜୀକରଣ କରିଥିବାବେଳେ ଏଥି ମଧ୍ୟରୁ ୯୧ ହଜାର ୫ ଜଣ ଚାଷୀ ନୂତନ ଭାବରେ ସେମାନଙ୍କ ନାମ ଫଂଜୀକରଣ କରିଛନ୍ତି ଓ ୧ ଲକ୍ଷ ୬୬ ହଜାର ୯୫୧ ଜଣ ଚାଷୀ ସେମାନଙ୍କ ନାମକୁ ନବୀକରଣ କରିଛନ୍ତି । ଚଳିତ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ବରଗଡ଼ ଜିଲ୍ଲାରେ ସର୍ବାଧିକ ୮୧ ହଜାର ୨୮୬ ଜଣ ଚାଷୀ ନାମ ଫଂଜୀକରଣ କରିଥିବାବେଳେ ବାଲେଶ୍ୱରରେ ୩୪ ହଜାର ୯୪୧ ଜଣ, ସୁବର୍ଣ୍ଣପୁରରେ ୩୨ ହଜାର ୯୪୬ ଜଣ, କୋରାପୁଟରେ ୧୯ ହଜାର ୩୪୫ ଜଣ, ପୁରୀର ୧୭ ହଜାର ୪୫୫ ଜଣ ଏବଂ କଳାହାଣ୍ଡିର ୧୭ ହଜାର ୩୯୯ ଜଣ ଓ ସମ୍ବଲପୁରରେ ୧୪ ହଜାର ୭୫୯ ଜଣ ଚାଷୀ ନାମ ଫଂଜୀକରଣ କରିଛନ୍ତି ।

## ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବ ଅଶ୍ୱିନୀ ୱେଲ୍‌ନେସ୍ ସେଣ୍ଟର

ଭୁବନେଶ୍ୱର: ରାଜଧାନୀବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଚନ୍ଦ୍ରଶେଖରପୁର ନାଲ୍‌କୋ ଛକରେ ଆଜି ଉଦ୍‌ଘାଟିତ ହୋଇଯାଇଛି ଅଶ୍ୱିନୀ ୱେଲ୍‌ନେସ୍ ସେଣ୍ଟର। 'ସମ୍ବାଦ'ର ସଂପାଦକ ତଥା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଦାଶ ବେନହୁର, ଅଶ୍ୱିନୀ ହସ୍ପିଟାଲ୍ ଗ୍ରୁପ୍ ଚେୟାରମ୍ୟାନ୍ ଡା. ସୁବ୍ରତ କୁମାର ଜେନା, ଡା. ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେଣ୍ଟରର ମୂଳ ଲକ୍ଷ୍ୟ ହେଉଛି ସାଧାରଣ ଲୋକମାନଙ୍କର ସବୁ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବ। ପ୍ରଥମ ଥର ଲାଗି ଭୁବନେଶ୍ୱରରେ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ଏକ ବୃହତ୍ତ ଫାର୍ମାସି ଏବଂ ଆସଥେଟିକ୍ କ୍ଲିନିକ୍ ପ୍ରତିଷ୍ଠା କରାଯାଇଛି। ଏଠାରେ ସମସ୍ତ ପ୍ରକାରର ଔଷଧଠାରୁ ଆରମ୍ଭ କରି ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ପ୍ରସାଧନ ସାମଗ୍ରୀ ଆଦି ଉପଲବ୍ଧ ଥିବା ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି। ସହରର ପ୍ରତିଷ୍ଠିତ ଡାକ୍ତରମାନେ ଏଠାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଏବଂ ସେଲିବ୍ରେଟିମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ତତ୍ତ୍ୱ କ୍ଲିନିକ୍ ଏବଂ ପ୍ରତିଷ୍ଠିତ ଚର୍ମ ବିଶେଷଜ୍ଞ ଏବଂ କସ୍‌ମେଟିକ୍ ସର୍ଜନମାନେ ଚିକିତ୍ସା ଯୋଗାଇ ଦେବେ। ଏଥିସହ ମଧୁମେହ ରୋଗୀମାନଙ୍କ ପାଇଁ ସ୍ଥାୟୀ ସମାଧାନର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି। ରାଜଧାନୀରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଜୟଜିତ୍ ଏବଂ ସୁମା ଦାସ ଏଭଳି ଏକ ପ୍ରୟାସ କରିଛନ୍ତି। ଏଠାରେ ଯୋଗକେନ୍ଦ୍ରଠାରୁ ଆରମ୍ଭ କରି ଜିମ୍ନାସିୟମ୍ ଏବଂ ଅତ୍ୟାଧୁନିକ ବ୍ୟବସ୍ଥାମାନ ରହିଛି।

## ଭୂତ ରାସନକାର୍ଡଧାରୀଙ୍କ ରାସନ ଖାଉଛି କିଏ ? : ବିଜେପି

ଭୁବନେଶ୍ୱର,୧୪/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ପ୍ରତ୍ୟେକ ହିତାଧିକାରୀ ମାଗଣା ଖାଦ୍ୟଶସ୍ୟ ପାଉଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୦କୋଟି ଓ ଓଡ଼ିଶାର ପ୍ରାୟ ୩.୨୫କୋଟି ଲୋକ ଉପକୃତ ହୋଇଛନ୍ତି। କେବଳ ଓଡ଼ିଶା ପାଇଁ ୧୦ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଖାଦ୍ୟଶସ୍ୟ ବଂଟନ କରାଯାଇଛି। ଦେଶର ୮୦କୋଟି ଲାଭାର୍ଥୀଙ୍କ ପାଇଁ ମୋଟ ୬ଟି ପର୍ଯ୍ୟାୟର ୩.୪୦ଲକ୍ଷ କୋଟି ଟଙ୍କା ମୂଲ୍ୟର ୧୦୦୩ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଆବଟଂନ କରିଛନ୍ତି। ଏପ୍ରିଲ ମାସ ୨୦୨୨ ମସିହାରୁ ସେପ୍ଟେମ୍ବର ମାସ ୨୦୨୨ ପର୍ଯ୍ୟନ୍ତ ମୋଦି ସରକାର ଏହି ଯୋଜନାର ସମୟ ସୀମା ବୃଦ୍ଧି କରିଛନ୍ତି। ବିଶ୍ୱର ସର୍ବବୃହତ ଖାଦ୍ୟ ସୁରକ୍ଷା ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିଥିବାରୁ ରାଜ୍ୟ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ଆଜି ରାଜ୍ୟ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ବର୍ତମାନ ସୁଦ୍ଧା ଓଡ଼ିଶାର ୩କୋଟି ୨୫ଲକ୍ଷ ହିତାଧିକାରୀଙ୍କୁ ଗତ ୨୦୨୦ ମସିହା ମେ ମାସରୁ ୨୦୨୨ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ପ୍ରାୟ ୩୦.୭୭ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଆବଟଂନ କରାଯାଇଛି । ଯାହାର ମୋଟ ଆନୁମାନିକ ମୂଲ୍ୟ ୧୦ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଷଷ୍ଠଥର ପାଇଁ ଯୋଜନା ଅଧୀନରେ ଓଡ଼ିଶାର ପ୍ରାୟ ୩.୨୫କୋଟି ଲୋକ ଉପକୃତ ହେଉଥିବାବେଳେ ଏଥିପାଇଁ ୩,୫୫୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡିଶାରେ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡଧାରୀଙ୍କ ମଧ୍ୟରେ ପାର୍ଥକ୍ୟ କାହିଁକି ଦେଖାଦେଉଛି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର 'ୱାନ ନେସନ - ୱାନ ରାସନ' ଯୋଜନା ଆରମ୍ଭ କରିଥିବାବେଳେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଲାଗୁ କରିନାହାନ୍ତି କାହିଁକି ? କେନ୍ଦ୍ର ଦେଉଥିବା ରାସନ ଯାଉଛି କୁଆଡେ, ଭୂତ କାର୍ଡଧାରୀଙ୍କ ରାସନ କିଏ ଖାଉଛି, ରାଜ୍ୟରେ କେତେଜଣ ରାସନ କାର୍ଡଧାରୀ ଅଛନ୍ତି ତାହାକୁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଆଜି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ଯୋଗ୍ୟ ହିତାଧିକାରୀ ମାନଙ୍କ ରାସନ କାର୍ଡ ତାଲିକା ରାଜ୍ୟ ସରକାର କେନ୍ଦ୍ରକୁ କେବେ ପଠାଇବେ ବୋଲି ଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ମହାମାରୀ ସମୟରେ ଓଡିଶାର କରୋନାର ପ୍ରଥମ ଲହରରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପ୍ରାୟ ୯୫ଲକ୍ଷ ୫୧ ହଜାର କାର୍ଡଧାରୀଙ୍କୁ ସରକାର ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ୩୦ଟି ଜିଲ୍ଲାକୁ ୯୫୫ କୋଟି ୧୬ ଲକ୍ଷ ୯୫ ହଜାର ଟଙ୍କା ଆବଂଟନ କରିଥିଲେ। କିନ୍ତୁ ଜିଲ୍ଲା ଯୋଗାଣ ଅଧିକାରୀମାନେ ରାଜ୍ୟ ସରକାରଙ୍କୁ ମାତ୍ର ୯୩୪ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (ୟୁସି) ପ୍ରଦାନ କରିଛନ୍ତି। ବଳକା ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ କାର୍ଡଧାରୀଙ୍କୁ ୨୧ କୋଟି ଟଙ୍କା ବର୍ତମାନ ସୁଦ୍ଧା ବଂଟନ କରିବାରେ ରାଜ୍ୟ କାହିଁକି ବିଫଳ ହୋଇଛନ୍ତି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଚାଷୀଙ୍କ ତାଲିକା ନାହିଁ କି ଏପର୍ଯ୍ୟନ୍ତ ଖାଉଟି ତାଲିକା ବି ନାହିଁ। କେନ୍ଦ୍ର ୩କୋଟି ୨୫ଲକ୍ଷ ଲୋକଙ୍କୁ ଖାଦ୍ୟ ଦେଲା ପରେ ବି ଲୋକେ ରାସନରୁ ବଂଚିତ ହେଉଛନ୍ତି । କେନ୍ଦ୍ରର ଯୋଜନାକୁ ନିଜ ଯୋଜନା କହି ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଦେଉଛନ୍ତି । ପଂଚାୟତ ଓ ପୌର ନିର୍ବାଚନରେ ବିଜୁ ଜନତା ଦଳର ମନ୍ତ୍ରୀ ଓ ନେତାମାନେ ଭୋଟ ହାତେଇବା ପାଇଁ ମିଛ ରାସନ କାର୍ଡ ବଂଟନ କରିବାକୁ ମଧ୍ୟ ପଛଘୁଂଚା ଦେଇନଥିଲେ । ମୁଖ୍ୟମନ୍ତ୍ରୀ ଗରିବ ଲୋକଙ୍କ ସହ ପ୍ରହସନ ନକରନ୍ତୁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ ଦାସ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର,୧୪/୦୪ (ନି.ପ୍ର): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଆଜି ରାଜ୍ୟର ୩୦ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ନିର୍ଭୁଲ ଭୋଟର ତାଲିକା ସଂପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ । କ୍ଷେତ୍ର ପରିଦର୍ଶନ କରି ବିଶେଷ କରି ଫଟୋ ସାଦୃଶ୍ୟ ଥିବା ଏକାଧିକ ଭୋଟର କିମ୍ବା ଦୋହରା ଭାବେ ଭୋଟର ତାଲିକାରେ ନାମ ଦରଜ ହେବା ପରି ଜଣାପଡୁଥିବା ଭୋଟରମାନଙ୍କୁ ସଠିକ୍ ଭାବେ ଯାଂଚ ସହ ଏକାଧିକ ନାମଗୁଡ଼ିକୁ ତାଲିକାରୁ ବାଦ୍ ଦେବା ଏବଂ ଭୋଟର ତାଲିକାରେ ନାମ ଥାଇ ଫଟୋ ନଥିବା କିମ୍ବା ଭୋଟର ତାଲିକାରେ ନାମ, ଠିକଣା ଇତ୍ୟାଦି ତ୍ରୁଟି ଥିଲେ (ଲଜିକାଲ ଏରର) କିମ୍ବା ଦୋହରା ଫଟୋ ପରିଚୟ ପତ୍ର ଥିବା ଭୋଟରମାନଙ୍କୁ ସଠିକ୍ ଭାବେ ଯାଂଚ କରି ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେଇ ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସଂପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଗୁରୁତ୍ୱାରୋପ କରିଥିଲେ। ଭାରତ ନିର୍ବାଚନ ଆୟୋଗ ପ୍ରଥମ ଥର ପାଇଁ ସମସ୍ତ ଭୋଟରମାନଙ୍କୁ ଫଟୋ ପରିଚୟ ଡାକ ମାଧ୍ୟମରେ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ଏଥି ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କଲାବେଳେ ଫର୍ମ ନଂ-୬ରେ ତାଲିକାରେ ନାମ ଯୋଗ ଓ ଫର୍ମ ନଂ-୮ରେ ତ୍ରୁଟି ସଂଶୋଧନ ପାଇଁ ଫର୍ମ ପୂରଣ କଲାବେଳେ ନାଗରିକମାନେ ଆବେଦନ ଫର୍ମରେ ସଂପୂର୍ଣ୍ଣ ଡାକ ଠିକଣା ଓ ସଠିକ୍ ମୋବାଇଲ୍ ନମ୍ବର ଦେବାକୁ ହେବ। ନଚେତ୍ ଭୋଟରଙ୍କ ଘରେ ଡାକ ଯୋଗେ ଫଟୋ ପରିଚୟ ପତ୍ର ପହଂଚିବା ସମ୍ଭବ ହେବ ନାହିଁ। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ବୁଥ୍ ସ୍ତରୀୟ ଅଧିକାରୀମାନେ ନିଜ ନିଜ ଅଂଚଳରେ ଘରକୁ ଘର ଯାଇ ସଠିକ୍ ତଥ୍ୟ ସଂଗ୍ରହ କରି ନିର୍ବାଚକ ପଂଜୀକରଣ ଅଧିକାରୀମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବେ ଓ ପରେ ନିର୍ବାଚକ ପଂଜୀକରଣ ଅଧିକାରୀମାନେ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

## ମୋ ସ୍କୁଲ୍ ଅଭିଯାନର ୩୩ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୧୨୮ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୪/୦୪ (ନି.ପ୍ର): ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ସ୍କୁଲ୍ ଓ ବ୍ଲକ୍ ସ୍ତରରେ କାର୍ଯ୍ୟକରିବେ 'ମୋ ସ୍କୁଲ୍' ଦ୍ୱାରା ମନୋନୀତ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ । ଭିତିଭୂମି ବିକାଶ ସହ ପିଲାମାନଙ୍କର ବୌଦ୍ଧିକ ବିକାଶ ପାଇଁ ଏହି ସ୍ୱେଚ୍ଛାସେବୀମାନେ ସ୍ୱତନ୍ତ୍ର ଭାବରେ ଗୁରୁତ୍ୱ ଦେବେ । ଏଥିଲାଗି 'ମୋ ସ୍କୁଲ୍ ଅଭିଯାନ'ର ବରିଷ୍ଠ ଅଧିକାରୀମାନେ ୨୦ଟି ଜିଲ୍ଲା ଗସ୍ତ କରି ୬୯ଟି ବ୍ଲକ୍‌ରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହ ଆଗାମୀଦିନରେ 'ମୋ ସ୍କୁଲ୍' ଦ୍ୱାରା ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରିବାକୁ ବ୍ଲକ୍ ସ୍ତରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନିବେଦନ କରିଛନ୍ତି । କୋଭିଡ୍ ମହାମାରୀ ଯୋଗୁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ଯେଉଁ ବ୍ୟାଘାତ ସୃଷ୍ଟି ହୋଇଛି ତାହାର ଭରଣା ପାଇଁ 'ମୋ ସ୍କୁଲ୍' ପୁରାତନ ଛାତ୍ରଛାତ୍ରୀ ତଥା ମନୋନୀତ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରିବ। ଏଥିପାଇଁ ସ୍କୁଲ୍ ଓ ବ୍ଲକ୍ ସ୍ତରରେ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଖରାଛୁଟି ସମୟରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ 'ମୋ ସ୍କୁଲ୍ ଅଭିଯାନ'ର ୩୩ତମ କାର୍ଯ୍ୟନିର୍ବାହୀ ପରିଷଦରେ ନିଷ୍ପତି ନିଆଯାଇଛି । ବୁଧବାର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅଧ୍ୟକ୍ଷତା କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଆର୍ଥିକ ସ୍ୱଚ୍ଛତା ବଜାୟ ରଖିବାକୁ ପିଏଫ୍‌ଏମ୍‌ଏସ୍ ଏବଂ ଏସ୍‌ଏନ୍‌ଏ ଭଳି ମନିଟରିଂ ସିଷ୍ଟମ୍‌ର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଓଡ଼ିଶା ବିଜ୍ଞାନ ଏକାଡେମୀ ଭଳି ସଂଗଠନ ସହ 'ମୋ ସ୍କୁଲ୍' ମିଳିତ ଭାବରେ କାର୍ଯ୍ୟ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ନିର୍ଦ୍ଦେଶ ଦେଇଥିଲେ। ଚଳିତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଓଡ଼ିଶାର ୨୭ଟି ଜିଲ୍ଲାର ମୋଟ ୧୨୮ କୋଟି ୩୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ୧ ମାସ ମଧ୍ୟରେ ୧୮ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ିହୋଇଛନ୍ତି। ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୬ କୋଟି ୪୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ସିଏସ୍‌ଆର ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୩୬ କୋଟି ୨୪ ଲକ୍ଷ ଟଙ୍କାର ଅନୁଦାନ ଆସିଛି । ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସ୍‌ଆର ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୨୮ କୋଟି ୩୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି । ବାଲେଶ୍ୱରରେ ସର୍ବାଧିକ ୧ କୋଟି ୮୦ ଲକ୍ଷ, ଖୋର୍ଦ୍ଧାରେ ୫୨ ଲକ୍ଷ ୫୯ ହଜାର, ଅନୁଗୋଳରେ ୩୧ ଲକ୍ଷ ୭୨ ହଜାର, ଗଞ୍ଜାମରେ ୩୦ ଲକ୍ଷ ୧୧ ହଜାର ଏବଂ ବରଗଡ଼ରେ ୨୭ ଲକ୍ଷ ୮୭ ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ମୋଟ ୬ ଲକ୍ଷ ୬୧ ହଜାର ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ସ୍କୁଲ୍ ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ବୌଦ୍ଧ ଜିଲ୍ଲାର ସମସ୍ତ ସ୍କୁଲ୍ 'ମୋ ସ୍କୁଲ୍ ଅଭିଯାନ'ରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ରାଜ୍ୟର ପ୍ରଥମ ଜିଲ୍ଲା ଭାବରେ ବୌଦ୍ଧ ଏହି ସଫଳତା ହାସଲ କରିଛି । ପୂର୍ବରୁ ଅନୁଗୋଳ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ 'ମୋ ସ୍କୁଲ୍' ସହ ଯୋଡ଼ି ହୋଇଥିଲା । ଆଗାମୀ ମାସକ ମଧ୍ୟରେ ମୋ ସ୍କୁଲ୍ ଅଧକ୍ଷା ଏହି ୧୦୦ଟି ସ୍କୁଲ୍‌ର ସ୍କୁଲ୍ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ରହିଛି ।

## ରାଜ୍ୟର ୭ ଜିଲ୍ଲାରୁ ୧୧ କରୋନା ପଜିଟିଭ ଚିହ୍ନଟ : ଜଣେ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୧୪/୦୪ (ନି.ପ୍ର): ଗତକାଲି ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ମାତ୍ର ୭ଟି ଜିଲ୍ଲାରୁ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୩ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର ଜିଲ୍ଲାରୁ ୨ ଜଣ, ଗଜପତି ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ, ପୁରୀ ଜିଲ୍ଲାରୁ ୧ ଜଣ, ସମ୍ବଲପୁର ଜିଲ୍ଲାରୁ ୨ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୮୮୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୮, ୫୮୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୨୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।



## ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପୂର୍ବାଂଚଳ ଜୋନ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର,୧୪/୦୪ (ନି.ପ୍ର): ଭୁବନେଶ୍ୱର ଠାରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପୂର୍ବାଂଚଳ ଜୋନ୍ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ମୁଞ୍ଜପାରା ମହେନ୍ଦ୍ରଭାଇ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ପୂର୍ବାଂଚଳ କ୍ଷେତ୍ରର ୫ଟି ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ । ସମ୍ମିଳନୀ ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ମହେନ୍ଦ୍ର ଭାଇ କହିଥିଲେ ଯେ, ବର୍ତମାନର ଦ୍ରୁତ ପରିବର୍ତନଶୀଳ ବିଶ୍ୱରେ ମାନବ ଓ ସାମାଜିକ ପୁଞ୍ଜି ନିର୍ମାଣ କରିବାର ଆବଶ୍ୟକତା ରହିଛି ଯାହାକି ଉନ୍ନତ ପୋଷଣ, ଲିଙ୍ଗଗତ ସମାନତା, ଉପଯୁକ୍ତ ଶିକ୍ଷା ଏବଂ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଅଧିକାରର ସ୍ତମ୍ଭ ଉପରେ ଆଧାରିତ ହେବା ଉଚିତ୍ । ସେ କହିଥିଲେ ଯେ, ଦେଶର ଜନସଂଖ୍ୟାର ୬୯% ହେଉଛନ୍ତି ମହିଳା ଓ ଶିଶୁ । ସେମାନଙ୍କର କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ସରକାର ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ତିନୋଟି ଅଭିଯାନ କାର୍ଯ୍ୟକାରୀ କରୁଛନ୍ତି – ମିଶନ ପୋଷଣ ଟୁ ପଏଂଟ ଜିରୋ ମାଧ୍ୟମରେ ମହିଳା ଓ ଶିଶୁମାନଙ୍କର ପୁଷ୍ଟିସାଧନ ଆବଶ୍ୟକତା ଉପରେ ଧ୍ୟାନ ଦିଆଯାଇଛି। ଦ୍ୱିତୀୟତଃ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ସୁରକ୍ଷା, ନିରାପତା ଓ ସଶକ୍ତିକରଣ କରାଯାଉଛି ଏବଂ ତୃତୀୟରେ ମିଶନ ବାତ୍ସଲ୍ୟ ମାଧ୍ୟମରେ ଶିଶୁମାନଙ୍କର କଲ୍ୟାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ, ମହିଳା ଓ ଶିଶୁମାନଙ୍କ ପୋଷଣରେ ସୁଧାର ଆଣିବା ପାଇଁ ସବୁପିଢ଼ି ମଧ୍ୟରେ ସମୟୋଚିତ ହସ୍ତକ୍ଷେପର ଆବଶ୍ୟକତା ରହିଛି । ଡକ୍ଟର ମୁଞ୍ଜପାରା କହିଥିଲେ ଯେ ପୋଷଣ ଟୁ ପଏଣ୍ଟ ଜିରୋ ମାଧ୍ୟମରେ ଦୀର୍ଘସ୍ଥାୟୀ ସୁସ୍ଥତା, କଲ୍ୟାଣ ଏବଂ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିସାଧନ ସଚେତନତା ଏବଂ ଉତମ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ସ୍ଥାନୀୟ ସହଭାଗିତା ଏବଂ ଉତରଦାୟିତ୍ୱ ଜରିଆରେ ଅଭ୍ୟାସଗତ ପରିବର୍ତନ ଆଣିବାକୁ ଆମେ ଲକ୍ଷ୍ୟ ରଖିଛୁ ବୋଲି ସେ କହିଥିଲେ । କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ଆମେ ୧୧.୯୪ ଲକ୍ଷ ଅଭିବୃଦ୍ଧି ନିରୀକ୍ଷଣ ଉପକରଣ ବିତରଣ କରିଛୁ ଏବଂ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ୧୧ ଲକ୍ଷ ତିନି ହଜାର ସ୍ମାର୍ଟ ଫୋନ୍ ? ଯୋଗାଇ ଦିଆଯାଇଛି । ପ୍ରଶାସନିକ ସୁଧାର ଏବଂ ଅପପୁଷ୍ଟିର ଶିକାର ଶିଶୁଙ୍କୁ ଚିହ୍ନଟ ଓ ଚିକିତ୍ସା କରିବା ଲାଗି ଆମେ ପୋଷଣ ଟ୍ରାକର କାର୍ଯ୍ୟକାରୀ କରିଛୁ । କେନ୍ଦ୍ର ମନ୍ତ୍ରୀ ଅନ୍ୟ ଦୁଇଟି ଯୋଜନା ବିଷୟରେ ସୂଚନା ଦେଇ କହିଥିଲେ ଯେ, ବର୍ତମାନର ବୈଧାନିକ ସଂସ୍ଥାକୁ ସୁଦୃଢ଼ କରିବା ଏବଂ ଜରୁରିକାଳୀନ ପ୍ରସାର ସେବା ବିତରଣ ଜରିଆରେ ଅସହାୟ ପିଲାମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ କରୁଛୁ । ମିଶନ ଶକ୍ତି ଅଧୀନରେ ମହିଳା-କୈନ୍ଦ୍ରିକ ବିକାଶ ପାଇଁ ସରକାରଙ୍କ ସଂକଳ୍ପକୁ ସାକାର କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଏବଂ ପଶ୍ଚିମବଙ୍ଗର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଡକ୍ଟର ଶଶି ପଞ୍ଜା ଅଂଶଗ୍ରହଣ କରିଥିଲେ । ମହିଳା ଓ ଶିଶୁମାନଙ୍କର କଲ୍ୟାଣ ପାଇଁ ଉଭୟ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ହସ୍ତକ୍ଷେପ ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କ ତିନୋଟି ମିଶନର ଉପଯୁକ୍ତ କାର୍ଯ୍ୟକାରିତା ନିମନ୍ତେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେବା ନିମନ୍ତେ ଉଭୟ ଆଶ୍ୱାସନା ଦେଇଥିଲେ । ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଇନ୍ଦିବର ପାଣ୍ଡେ ଏହି ତିନୋଟି ନୂଆ ମିଶନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟର ବିବରଣୀ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ୨୦୩୦ ସୁଦ୍ଧା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଅଧୀନରେ କେତେକ ଲକ୍ଷ୍ୟ ହାସଲ ପାଇଁ ଯୋଜନା କରାଯାଇଛି । ଏହି ତିନୋଟି ମିଶନ ଜରିଆରେ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରାଯାଇ ପାରିବ ଏବଂ ରାଜ୍ୟଗୁଡ଼ିକ ଏଥିରେ ସକ୍ରିୟ ଭାଗିଦାର ରହିବେ । ଏହି ଜୋନ୍ ସ୍ତରୀୟ ସମ୍ମିଳନୀରେ ୫ଟି ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଲକ୍ଷ୍ୟବଦ୍ଧ ହସ୍ତକ୍ଷେପ ଜରିଆରେ ମହିଳା ଓ ଶିଶୁମାନଙ୍କର ବିକାଶ ଓ ସଶକ୍ତିକରଣ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଜି ଆଲୋଚନା ହୋଇଥିଲା ।

# ଦର୍ଶକଙ୍କ ପ୍ରଥମ ପସନ୍ଦ ଜୀ ସାର୍ଥକର ମେଗା ଧାରାବାହିକ ସର୍ବଜୀତା ଅନୁ



ଭୁବନେଶ୍ୱର, ୧୪/୦୪ (ନି.ପ୍ର): ଓଡିଆ ଦର୍ଶକଙ୍କ ମନ କିଣୁଛି 'ସର୍ବଜୀତା ଅନୁ' । ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ ଏହି ନୂଆ ମେଗା ଧାରାବାହିକ ମାତ୍ର ୧୫ ଏପିସୋଡରେ ସର୍ବାଧିକ ଜନାଦୃତି ହାସଲ କରିଛି । ମାର୍ଚ୍ଚ ୧୪ ତାରିଖରୁ 'ସର୍ବଜୀତା ଅନୁ'ର ପ୍ରସାରଣ ଆରମ୍ଭ ହୋଇଥିବା ବେଳେ ମାତ୍ର କମ୍ ଦିନ ମଧ୍ୟରେ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଏହି ମେଗା ଧାରାବାହିକ । 'ସର୍ବଜୀତା ଅନୁ'ର ଆଗାମୀ ଅଧ୍ୟାୟରେ ରହିଛି ଭରପୁର ରୋମାଞ୍ଚ । ଯେଉଁଥିରେ ସୋସାଇଟି ମଧ୍ୟରେ ଏକ ନୃତ୍ୟ ପ୍ରତିଯୋଗୀତା ଆରମ୍ଭ ହେଉଥିବା ବେଳେ ଏଥିରେ ଅନୁର ଝିଅ ସାରା ବି ଅଂଶ ଗ୍ରହଣ କରିବାକୁ ଚାହୁଁଛି କିନ୍ତୁ ତାକୁ ଜଣେ ପାର୍ଟନରର ଆବଶ୍ୟକତା ରହିଛି । ତେବେ ସାରା ପାଇଁ କଣ ପାର୍ଟନର ହେବେ କି ମା ଅନୁ ? ଆଉ ଯଦି ମାଙ୍କ ସହ ସାରା ଏହି ପ୍ରତିଯୋଗିତାରେ ଭାଗ ନିଏ ତାହା ହେଲେ କଣ ସେ ପ୍ରତିଯୋଗିତା ଜିତିପାରିବ ? ଏସବୁ ପ୍ରଶ୍ନର ଉତ୍ତର ପାଇଁ ଦର୍ଶକଙ୍କୁ ଆଗାମୀ ଅଧ୍ୟାୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ । ସୋମବାରରୁ ଶନିବାର ରାତି ୮ଟାରେ ଜୀ ସାର୍ଥକରେ ମେଗା ଧାରାବାହିକ 'ସର୍ବଜୀତା ଅନୁ' ପ୍ରସାରିତ ହେଉଛି । ମାତ୍ର କମ୍ ଦିନରେ ଦର୍ଶକଙ୍କ ଆଦୃତି ଲାଭ କରିଥିବା 'ସର୍ବଜୀତା ଅନୁ'କୁ ଦର୍ଶକ ଆଗକୁ ଆହୁରି ଭଲପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି ।

# ଓଡ଼ିଆ ନବବର୍ଷ ଓ ଭାରତ ରତ୍ନ ଡ଼କ୍ଟର ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ



ଉଦଳା, ୧୪/୦୪ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ନବ ନିର୍ବାଚିତ ନଗରପାଳ ପ୍ରମିଳା ପଣ୍ଡାଙ୍କ ନେତୃତ୍ୱରେ ଓଡ଼ିଆ ନବ ବର୍ଷ ଓ ଭାରତ ରତ୍ନ ଡ଼କ୍ଟର ଆମ୍ବେଦକରଙ୍କ ୧୩୨ ତମ ଜୟନ୍ତି ପାଳନ ସମାରୋହ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଓ ଗଣ ମାଧମର ପ୍ରତିନିଧି ମାନେ ଅଂଶ ଗ୍ରହଣ କରି ଓଡ଼ିଆ ନବ ବର୍ଷ ଓ ବାବା ସାହେବ ଡ଼କ୍ଟର ଆମ୍ବେଦକରଙ୍କ ଜୀବନ ଇତିହାସ ସହିତ ଦେଶ ଗଠନରେ ତାଙ୍କର ଭୂମିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପନଗରପାଳ ଲିଲି ଭୋଳ, ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ, ଉଦଳା ଓକିଲ ସଂଘର ସଂପାଦକ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ଆଇନ ପରାମର୍ଶ ଦାତା ବସନ୍ତ କୁମାର ପରିଡ଼ା ପ୍ରମୁଖ ଅଂଶ ଗ୍ରହଣ କରି ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା କିପରି ସମଗ୍ର ପୃଥିବୀରେ ଉଦାହରଣ ସୃଷ୍ଟି କରିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ କାର୍ଯ୍ୟରତ ସଫେଇ କର୍ମଚାରୀ ମାନଙ୍କୁ ପୁଷ୍ପଗୁଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# କବିତାର ମୂର୍ଚ୍ଛନାରେ ଗୁଞ୍ଜରିତ ହେଲା ଡୁଙ୍ଗୁରା ମାଟି




ଖଇରା,୧୪/୦୪ (ନି.ପ୍ର): ଖଇରା ସାହିତ୍ୟ ସଂସଦ ପକ୍ଷରୁ ଏକ ସାରସ୍ୱତ ବସନ୍ତ ମିଳନ ଉତ୍ସବ ଗୁରୁବାର ଦିନ ଖଇରା ବ୍ଲକର ଡୁଙ୍ଗୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ମାୟାଧର ନାୟକ ଏଥିରେ ପୌରହିତ୍ୟ କରିଥିଲେ । ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ଛାତ୍ରୀଛାତ୍ର ଦେବପୂଜନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସବିତାରାଣୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟ ଗବେଷକ ହରିହର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଡା ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ କେବଳ ଗ୍ରିଷ୍ମ ନୁହେଁ କବିଟିଏ ଚାହିଁଲେ ପ୍ରତ୍ୟେକ ଋତୁରେ ବସନ୍ତର ଭାବନା ଜାଗ୍ରତ କରାଯାଇପାରିବ ବୋଲି କହିଥିଲେ । ବିଦ୍ୟାଳୟର ଶୁଭେଚ୍ଛୁ କୈଳାସ ବେହେରା,ଗଣେଷ ପାଣିଗ୍ରାହୀ, ଅର୍ଜୁନ ମଣ୍ଡଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଆୟୋଜିତ କବିତା ପାଠୋତ୍ସବରେ ମୋଟ ୨୫ଜଣ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ରୀତାରାଣୀ ଦାସ ସମିକ୍ଷିକା ଓ ସୁରମା ପାଣି ସଂଯୋଜିକା ଦାୟିତ୍ୱ ତୁଲାଇଥିଲେ । ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସସ୍ମିତା ଗିରି,ତ୍ରିଲୋଚନ ପାତ୍ର, ସୂର୍ଯ୍ୟନାରାୟଣ ବେହେରା, ବସନ୍ତ କୁମାର ଦାସ, ଅର୍ଣ୍ଣପୂର୍ଣ୍ଣା ପତି, ଅନୁସୂୟା ବେହେରା, ମମତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ନିଶା ଖୁଆଇ ମହିଳାଙ୍କୁ ଦୁଷ୍କର୍ମ : ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଜଳେଶ୍ୱର, ୧୪/୪ (ନି.ପ୍ର): ଜଳେଶର ବ୍ଲକ ଅଧିନ ଖୁଦିଆ ମାଝିସାହି ପଂଚାୟତର ଗୋପାଳପ୍ରସାଦ ଗାଁର ସନ୍ତୋଷ ବାରିକ(୨୨) ଜଣେ ବିବାହିତା ମହିଳାଙ୍କୁ ନିଶା ଖୁଆଇ ଦୁଷ୍କର୍ମ କରିଥିବା ଥାନରେ ଅଭିଯୋଗ ହୋଇଛି । ରାଇବଣିଆ ପୁଲିସ୍ ୩୩/୨୨ମୂଳେ ଏକ ମାମଲା ରୁଜୁ କରି ଆଶାମୀକୁ କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ନିଧିପଣ୍ଡା ଅଂଚଳର ଜଣେ ୪୮ ବର୍ଷିଆ ବିଧବା ମହିଳା ଏକ ସେବା ଶ୍ରମରେ ସହାୟିକାରୂପେ କାର୍ଯ୍ୟ କରୁଥିଲେ । ଉକ୍ତ ମହିଳା ଜଣକ ଗୋପାଳପ୍ରସାଦ ଗ୍ରାମର ଜଣେ ସଂପର୍କୀୟଙ୍କ ଘରକୁ ବାରମ୍ବାର ଆସୁଥିଲେ । ଏହାର ସୁଯୋଗ ନେଇ ସେହି ଯୁବକଙ୍କ ସହିତ ସମ୍ପର୍କ ଗଢି ଉଠିଥିଲା । ଘଟଣା ଦିନ ତାଙ୍କୁ ଜଳେଶ୍ୱର କୋର୍ଟକୁ ଏକ ବାଇକ୍ ନେଇ ଯିବା ଆଳରେ ଏକ ନିଛାଟିଆ ସ୍ଥାନରେ ଥଣ୍ଡା ପାନୀୟ ସହିତ ନିଶାଦ୍ରବ୍ୟ ଖୁଆଇ ବେହୋସ୍ କରାଇଥିଲେ । ଏହାର ସୁଯୋଗ ନେଇ ତାଙ୍କୁ ଦୁଷ୍କର୍ମ କରିବା ସହିତ ତାର ଅଶ୍ଳିଳ ଭିଡିଓ ବନାଇଥିଲେ । ପରେ ତାଙ୍କୁ ବ୍ଲକ ମେଲିଂ କରିବା ଆରମ୍ଭ କରିଥିଲେ । ଲଜ୍ଜା ଓ ଭୟରେ କାହା ଆଗରେ ମହିଳା ଜଣକ ପ୍ରକାଶ କରିନଥିବା ବେଳେ ଯୁବକ ଜଣକ ସେବାଶ୍ରମର ଏକ ୱାର୍ଟସପ୍ ଗ୍ରାପ୍‌ରେ ଭିଡିଓ ଛାଡିଥିଲେ । ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ସୂଚନା ଦେବାପରେ ସେ ଥାନାର ଆଶ୍ରୟ ନେଇଥିଲେ । ରାଇବଣିଆ ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ବସ୍ତା ବିଜେପି ତରଫରୁ ଡ଼. ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ



ବସ୍ତା, ୧୪/୦୪ (ନି.ପ୍ର): ବସ୍ତା ବିଜେପି ତରଫରୁ ପାର୍ଟି କାର୍ଯ୍ୟାଳୟ ରେ ମଣ୍ଡଳ ସଭାପତି ରଞ୍ଜନ ମହାନ୍ତିଙ୍କ ଅଭାହକତ୍ୱ ରେ ସାମ୍ବିଧାନ ପ୍ରଣେତା ଡ଼ା ଭୀମରାଓ ଆମ୍ବେଦକର ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଅଛି । ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟ ନାରାୟଣ ସାହୁ, ବିଜେପି ନେତା ରବୀନ୍ଦ୍ର ଦାସ, ଆଡ ଭକେଟ ପରେଶ୍ ବେହେରା , ମିଡ଼ିଆ ସଂଯୋଜୋଗ୍ ଇ. ଦିବାକର ରାଉତ, ଲକ୍ଷ୍ମୀକାନ୍ତ ଦଳାଇ, ଧନଞ୍ଜୟ ମହାପାତ୍ର ଙ୍କ ସମେତ ବହୁ କାର୍ଯ୍ୟ କର୍ତ୍ତା ଉପସ୍ଥିତ ରହି ପୁଷ୍ପ ମାଲ୍ୟ ଅର୍ପଣ ସହିତ ତାଙ୍କର ଜୀବନୀ ଉପରେ ଆଲୋଚନା କରିଥିଲେ ।

# ନୀଳମାଧବ ପୀଠର ହେବ ବିକାଶ

ଭୁବନେଶ୍ୱର, ୧୪/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି କେ ପାଣ୍ଡିଆନ ଗୁରୁବାର କଂଟିଲୋ ନୀଳମାଧବ ପୀଠ ପରିଦର୍ଶନରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୀଠର ଉନ୍ନତି ସମ୍ପର୍କରେ ସ୍ଥାନୀୟ ଲୋକ ଓ ସେବାୟତ ମାନଙ୍କ ସହିତ ଆଲୋଚନା କରିଥିଲେ। ନୟାଗଡ ଜିଲ୍ଲାର କଂଟିଲୋ ଏକ ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ। ମହାନଦୀ କୂଳରେ ନୀଳମାଧବ ପୀଠର ଶୋଭା ଅତ୍ୟନ୍ତ ମନୋରମ। ୫ ଟି କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରି ଅଧିକ ପର୍ଯ୍ୟଟକ ଙ୍କୁ ସେଠାକୁ କିପରି ଆକୃଷ୍ଟ କରାଯାଇପାରିବ , ସେ ସମ୍ପର୍କରେ ସରକାର ପଦକ୍ଷେପ ନେଉଛନ୍ତି। ଏହା ସହିତ ଏଠାକୁ ଆସୁଥିବା ଭକ୍ତ ମାନଙ୍କ ସୁବିଧା ପାଇଁ ମଧ ବିଭିନ୍ନ ସୁବିଧା ସୁଯୋଗର ବିକାଶ କରାଯିବ। ଏଥି ନିମନ୍ତେ ଖୁବ୍ ଶୀଘ୍ର ଏକ ମାଷ୍ଟର ପ୍ଲାନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ବୋଲି ଜଣା ଯାଇଛି। ଏଥି ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହି ପରଦର୍ଶନ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବି. ବି ଯାଦବ , ନୟାଗଡ ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସି.ପି.ଆଇ.(ଏମ୍) ରାଜ୍ୟ ଦପ୍ତରରେ ଡଃ ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୧୪/୦୪ (ନି.ପ୍ର): ଭାରତ ବର୍ଷର ସମ୍ବିଧାନ ମୂଖ୍ୟ ପ୍ରଣେତା, ଜାତି ଭେଦ ପ୍ରଥା ଭଳି କୁସଂସ୍କାର ନୀତି ବିରୁଦ୍ଧରେ ସାଲିସହୀନ ନେତା ତଥା ଦେଶର ଅନ୍ୟତମ ରାଷ୍ଟ୍ରନୀତିଜ୍ଞ ଡଃ ବି. ଆର୍. ଆମ୍ବେଦକରଙ୍କର ୧୩୨ତମ ଜୟନ୍ତୀ ସି.ପି.ଆଇ.(ଏମ୍) ରାଜ୍ୟ ଅଫିସ୍‌ରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସି.ପି.ଆଇ.(ଏମ୍)ର ବରିଷ୍ଠ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ସନ୍ତୋଷ ଦାସ, ଦୁଷ୍ମନ୍ତ ଦାସ ଓ ରାଜ୍ୟ କମିଟି ସଭ୍ୟ ଯତୀନ୍ ମହାନ୍ତି, ଶ୍ରମିକ ନେତା ସତ୍ୟାନନ୍ଦ ବେହେରା ଓ ଅନ୍ୟାନ୍ୟ ଉପସ୍ଥିତ ସାଥିମାନେ ଡଃ ଆମ୍ବେଦକରଙ୍କର ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୟୁକ୍ରେନ-ରୁଷିଆ ଯୁଦ୍ଧରେ....

ପ୍ରକାଶ ପାଇଛି । ସେଥିରେ ଉଲ୍ଲେଖ ଅଛି ଯେ, ଏହି ବିସ୍ଫୋରଣ ଓ ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ କରାଯାଉଥିବା ରୁଷ ପ୍ରତିରକ୍ଷା ମନ୍ତ୍ରାଳୟ କହିଛି । ଏହି ଯୁଦ୍ଧ ଜାହାଜରେ ୫୧୦ଜଣ କର୍ମଚାରୀ ଥିବା ଜଣାପଡିଛି । ତେବେ ରୁଷିଆ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଏହି ଯୁଦ୍ଧଜାହାଜରେ ଥିବା ଗୋଳାବାରୁଦ ମଧ୍ୟ ବିସ୍ଫୋରଣ ହୋଇ ନଷ୍ଟ ହୋଇଯାଇଛି । ମିଳିଥିବା ସୂଚନା ଅନୁସାରେ ମସ୍କୋର ଏହି ଯୁଦ୍ଧ ଜାହାଜ 'ମସ୍କୋଭା' ଓଡ଼େଶା ଉପକୂଳ ଓ ମାରିୟୁପୋଲ ମଧ୍ୟରେ ଅବରୋଧକାରୀ ଭାବେ ରହିବା ସହ ଉପକୂଳବର୍ତ୍ତୀ ସହର ଗୁଡିକ ଉପରେ ବୋମା ବର୍ଷଣ କରୁଥିଲା । ସେପଟେ ରୁଷ ମାରିୟୁପୋଲ ଉପରେ ଜୋରଦାର ଆକ୍ରମଣ କରୁଛି । ମାରିୟୁପୋଲରେ ରୁଷ ରାସାୟନିକ ଅସ୍ତ୍ର ବ୍ୟବହାର କରିଛି ବୋଲି ଦାବି କରିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍ସ୍କି । ମାରିୟୁପୋଲରେ ରୁଷ ଆକ୍ରମଣ ଯୋଗୁ ୧୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ମାରିୟୁପୋଲ ମେୟର କହିଛନ୍ତି । ଆଗକୁ ଏହି ସଂଖ୍ୟା ୨୦ ହଜାର ଟପିବ ବୋଲି ଆଶଙ୍କା କରାଯାଉଛି । ଯୁଦ୍ଧ ଆରମ୍ଭରୁ ମାରିୟୁପୋଲ ଉପରେ ବାରମ୍ବାର ଆକ୍ରମଣ କରୁଛି ରୁଷ ସେନା ।

## ଖୁବଶୀଘ୍ର ନବୀନଙ୍କ ମନ୍ତ୍ରିମଣ୍ଡଳରେ....

ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିବା କିଛି ମନ୍ତ୍ରୀଙ୍କୁ ବାଦ ଦେଇ ସ୍ୱଚ୍ଛ ଭାବମୂର୍ତ୍ତି ପ୍ରତି ଗୁରୁତ୍ୱ ଦେଇପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ଶେଷଥର ମନ୍ତ୍ରୀମଣ୍ଡଳ ଅଦଳବଦଳ ହୋଇଥିଲା । ଆଉ ସେତେବେଳେ ୯ ଜଣ ମନ୍ତ୍ରୀ ଇସ୍ତଫା ଦେଇଥିଲେ । ତେଣୁ ଆଜିର ଦିନରେ ସେହି ଫର୍ମୁଲା ଆପଣାଇ ପାରନ୍ତି ମୁଖ୍ୟମନ୍ତ୍ରୀ । କିଛି ମହିଳା, ଯୁବ ଓ ଅଭିଜ୍ଞ ଚେହେରାଙ୍କୁ ମନ୍ତ୍ରୀ ମଣ୍ଡଳରେ ସାମିଲ କରିପାରନ୍ତି । ପାୱାର କରିଡରରେ ହେଉଥିବା ଚର୍ଚ୍ଚା ଅନୁସାରେ ୧୦ରୁ ଅଧିକ ମନ୍ତ୍ରୀ ଇସ୍ତଫା ଦେଇ ପାରନ୍ତି । ଆଉ କିଛି କ୍ୟାବିନେଟ ମନ୍ତ୍ରୀଙ୍କ ବିଭାଗ ମଧ୍ୟ ପରିବର୍ତ୍ତନ ହୋଇପାରେ ।

## ବିବାହ ବନ୍ଧନରେ ବାନ୍ଧି ହେଲେ ....

ଗତ କିଛି ଦିନ ହେଲା ରଣବୀର କପୁର ଓ ଆଲିଆ ଭଟ୍ଟଙ୍କ ବିବାହକୁ ନେଇ ମାୟାନଗରୀରେ ଚର୍ଚ୍ଚା ଜୋର ଧରିଥିଲା । ବୁଧବାର ଠାରୁ ବିବାହର ରୀତିନୀତି ଆରମ୍ଭ ହୋଇଯାଇଥିଲା । ମାୟାନଗରୀରୁ ଏବେ ଯେଉଁ ଫଟୋ ସବୁ ମିଳିଛି ତାହା ସ୍ପଷ୍ଟ କରିଛି ଯେ ରଣବୀର କପୁରଙ୍କ ବାସଭବନରେ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି । ପୂର୍ବରୁ ବୁଧବାର ଦ୍ୱିପହରରେ ଆଲିଆ ଭଟ୍ଟଙ୍କ ହାତରେ ମେହେନ୍ଦୀ ଲଗାଯାଇଥିଲା । ଟ୍ରାଡିସନାଲ ପରିଧାନରେ ପୂଜାଙ୍କ ହାତରେ ମେହେନ୍ଦୀ ଲାଗିଥିବା ଏକ ଫଟୋ ଦେଖିବାକୁ ମିଳିଥିଲା ।

## ମାହାଙ୍ଗା ଗଣହତ୍ୟା ମାମଲାରେ ....

ବିବାଦ ରହିଥିଲା । ଗୋଟିଏ ଘର ଭିତରେ ଦୁଇ ପରିବାର ରହୁଥିଲେ । ଘର ଭିତରେ ଦୁଇଟି ପରିବାର ରହୁଥିଲେ ବି ଗୋଟିଏ ପାଇଖାନା ଥିଲା । କିନ୍ତୁ ଏହାକୁ ସାନ ଭାଇ ଶିବ ଓ ତାଙ୍କ ପରିବାରକୁ କୁଆଡେ ବଡଭାଇ ଓ ଭାଉଜ ବ୍ୟବହାର କରିବାକୁ ଦେଉନଥିଲେ । ଅନେକ ସମୟରେ ତାଲା ପକାଇ ଦେଉଥିଲେ ଯାହାକୁ ନେଇ ବିବାଦ ରହିଥିଲା । ସୋମବାର ରାତିରେ ଏହି ବିବାଦ ଚରମ ସୀମାରେ ପହଞ୍ଚିଥିଲା । ରାତି ପ୍ରାୟ ସାଢ଼େ ଗୋଟାଏ । ଶିବଙ୍କ ପତ୍ନୀ ରାତିରେ ଟଏଲେଟ ଯିବାକୁ ବାହାରିଥିଲେ । ହେଲେ ପାରଖାନାରେ ତାଲା ପଡିଥିବାରୁ ବଡ ଭାଇଙ୍କୁ ଡାକିଥିଲେ ଶିବ । କିନ୍ତୁ ଏତେ ରାତିରେ ଡାକିବାରୁ ବିରକ୍ତ ହେବା ସହ କୁଆଡେ ଶିବଙ୍କୁ ଗାଳି ଦେଇଥିଲେ ତାଙ୍କ ଭାଉଜ । ଏତିକିରେ ଶିବଙ୍କ ମୁଣ୍ଡକୁ ପିତ ଚଢ଼ି ଯାଇଥିଲା । ନିଜ ରୁମ ଭିତରକୁ ଆସି କିଛି ସମୟ ବସିବା ପରେ ହାତରେ କଟୁରୀ ଧରି ବାହାରି ଯାଇଥିଲା । ଆଉ ବଡ ଭାଇ ଶୋଇଥିବା ଘର ଭିତରକୁ ପଶିଥିଲା । ତାପରେ ଜଣଙ୍କ ପରେ ଜଣେ ପାଂଚ ଜଣଙ୍କୁ ହାଣି ହତ୍ୟା କରିଥିଲା ।

## ଇମ୍ରାନ ଖାନଙ୍କ ବିରୋଧରେ....

ବିଫଳ ହେବେ ବୋଲି ଇମ୍ରାନ ଏକ ପ୍ରକାର ସ୍ପଷ୍ଟ ଜାଣିସାରିଥିଲେ । ଏଥିପାଇଁ ସେ ଅନାସ୍ଥା ପ୍ରସ୍ତାବକୁ ରୋକିବାକୁ ପ୍ରୟାସ କରି ଏଥିରେ ବିଫଳ ହୋଇଥିଲେ । ଏବଂ ଏପ୍ରିଲ ୧୦ତାରିଖରେ ଗାଦି ହରାଇବାର କିଛି ସମୟ ଭିତରେ ସେ ସ୍ୱାଧିନତା ସଂଗ୍ରାମ ଆରମ୍ଭ କରିବା ନେଇ ଘୋଷଣା କରିଥିଲେ । ଏବଂ ଏହାପରେ ଅନସ୍ଥା ପ୍ରସ୍ତାବ ଉପରେ ଭୋଟିଂକୁ ନେଇ ସୁପ୍ରିମକୋର୍ଟକୁ ବାରମ୍ବାର ହସ୍ତକ୍ଷେପ କରିବାକୁ ପଡିଥିଲା । ଏବଂ ଲଗାତର ଭାବେ ୪ ଦିନିଆ ଶୁଣାଣୀ ପାଇଁ ସବୁପକ୍ଷଙ୍କୁ ଡାକିଥିଲେ ସୁପ୍ରିମକୋର୍ଟ ।

# ଆମ୍ବେଦକର ଥିଲେ ସର୍ବଶ୍ରେଷ୍ଠ ସମ୍ବିଧାନବିତ୍, ଦେଶର ଆର୍ଥିକ ଓ ସାମାଜିକ ସ୍ୱାଧୀନତାର ପଥ ପ୍ରଦର୍ଶକ



ଭଦ୍ରକ, ୧୪/୦୪ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରୀଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ସଂସ୍କୃତି ଭବନ ଠାରେ ଆଜି ଭାରତରତ୍ନ ଡ଼. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଜୟନ୍ତୀ ପାଳନ ଉପଲକ୍ଷେ ଆୟୋଜିତ ସ୍ମୃତି ଚାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନ୍‌ଜୀବି ନିରାକାର ଜେନା ଏବଂ ଅନ୍ୟତମ ସମ୍ମାନିତ ଅତିଥିଭାବେ ଆଇନ୍‌ଜୀବି ଦିବ୍ୟସିଂହ ନାୟକ, ଭଦ୍ରକ ଦଳିତ ମହାସଂଘର ସଭାପତି ସାମ୍ବାଦିକ ରାଜେନ୍ଦ୍ର କୁମାର ଯେନା, ଆମ୍ବେଦକର ଉନ୍ନୟନ ପରିଷଦ, ଭଦ୍ରକର ସମ୍ପାଦକ ମହେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ମାଲ୍ୟାର୍ପଣ ପରେ ସଭାର ପ୍ରାରମ୍ଭରେ ଗାନ୍ଧୀବାଳାଶ୍ରମର ଅନ୍ତେବାସୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ଉକ୍ଟ ରୂପ ଧାରଣ କରିଥିବା ତତ୍‌କାଳୀନ ଅସ୍ପୃଶ୍ୟତା ଜର୍ଜରିତ ସମାଜରେ ଏକ ନୀଚ ଜାତିରେ ଜନ୍ମ ନେଇ ଆମ୍ବେଦକରଙ୍କ ପିଲାଦିନ ଶିକ୍ଷା ଜୀବନ ଏପରିକି ଚାକିରୀ ଜୀବନ ମଧ୍ୟ କିପରି ତାଡ଼ନା ଓ ଘୃଣାର ଶିକାର ହୋଇଥିଲା । ତଥାପି ଧୈର୍ଯ୍ୟର ସହ ତୀକ୍ଷଣ୍ ମେଧାଶକ୍ତି ବଳରେ ସେ ଆଗକୁ ଆଗକୁ ମାଡ଼ି ଆମ ଦେଶ ପାଇଁ ସମ୍ବିଧାନ ପ୍ରସ୍ତୁତିରେ ମହାନାୟକ ସାଜିବା ସହିତ ଅବହେଳିତ, ଲାଞ୍ଛିତ, ଶୋଷିତ କୋଟି କୋଟି ଗରିବ ଜନତା, ଦଳିତ ଆଦିବାସୀ, ଅନଗ୍ରସର ବର୍ଗ ଓ ସଂଖ୍ୟାଲଘୁମାନଙ୍କର ତ୍ରାଣକର୍ତ୍ତା ସାଜି ମହାନ୍ ଦେଶପ୍ରେମୀ, ବିପ୍ଳବୀ, ଅଦ୍ୱିତୀୟ ସମାଜ ସଂସ୍କାରକ, ବିଚକ୍ଷଣ ରାଜନୀତିଜ୍ଞ, ଦେଶର ଆର୍ଥିକ ଓ ସାମାଜିକ ସ୍ୱାଧୀନତାର ପଥ ପ୍ରଦର୍ଶକ ରୂପେ ନିଜ ପ୍ରତିଭାର ପ୍ରତିପାଦିତ କରିପାରିଥିଲେ ଅତିଥିମାନେ ସେ ସବୁ ଘଟଣାବଳୀର ସ୍ମୃତି ଚାରଣ କରିଥିଲେ ।

# ନେତାଜୀ ଷ୍ଟାଡିୟମ ସ୍ଥାନରେ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ଜଳେଶ୍ୱର, ୧୪/୪ (ନି.ପ୍ର): ପଶ୍ଚିମବଂଗ ଉପାନ୍ତ ଜଳେଶ୍ୱର ବ୍ଲକରେ ଥିବା ନେତାଜୀ ଷ୍ଟାଡିୟମ ଏକ ପ୍ରମୁଖ ଷ୍ଟାଡିୟମ ଭାବେ ମାନ୍ୟତା ପାଇଛି । ବ୍ଲକ ଓ ମ୍ୟୁନିସିପାଲଟିର ଏହା ଏକମାତ୍ର ଷ୍ଟାଡିୟମ ହୋଇଥିବାରୁ ବର୍ଷଯାକ ବିଭିନ୍ନ ଖେଳ ପ୍ରତିଯୋଗୀତା, ମେଳା ମହୋତ୍ସବ, ଆନ୍ତରାଜ୍ୟ କ୍ରିକେଟ ଟୁର୍ଣ୍ଣମେଣ୍ଟ, ବିଦ୍ୟାଳୟ ମାନଙ୍କର ବାର୍ଷିକ କ୍ରିଡା ପ୍ରତିଯୋଗୀତା ଇତ୍ୟାଦି ସହିତ ସ୍ଥାନୀୟ ବହୁ ଯୁବ କ୍ରିଡାବତ୍ ମାନେ ପ୍ରତିଦିନ ଅଭ୍ୟାସ କରିଥାନ୍ତି । ୨୦୧୦ ମସିହାରେ ତତ୍କାଳୀନ ସାଂସଦ ଶ୍ରୀକାନ୍ତ ଜେନାଙ୍କ ପ୍ରଚେଷ୍ଟାରେ ୧କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ଏହି ଷ୍ଟାଡିୟମର



ନବିକରଣ କରାଯାଇଥିବା ବେଳେ ତାହା ଅସଂପୂର୍ଣ୍ଣ ରହିଥିଲା । ପରବର୍ତ୍ତୀ ସମୟରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ୮ କୋଟି ୧୬ଲକ୍ଷ୯ହଜାର ୭୮ଟଙ୍କା ବ୍ୟୟରେ ସେହି ଷ୍ଟାଡିୟମଟି ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଭାବେ ନିର୍ମାଣ ଲାଗି ବ୍ୟୟବରାଦ କରାଯାଇଛି । ଏହାକୁ ପ୍ରାକୃତିକ ଦୁର୍ବିପାକ ଓ ବିପର୍ଯ୍ୟୟ ସମୟରେ ବ୍ୟବହାର ଲାଗି ବାତ୍ୟା ଆଶ୍ରୟସ୍ଥଳ, ଡାକ୍ତରଖାନା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟବହାର କରାଯିବା ସହିତ କେତେକ ଇଣ୍ଡୋର ଖେଳ ଲାଗି ବ୍ୟବହାର କରାଯିବାର ଯୋଜନା ରହିଛି । ଏହି କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ବୁଧବାର ପୂର୍ତ୍ତବିଭାଗର କର୍ମକର୍ତ୍ତା ଓ ଠିକାଦରମାନେ ସେଠାରେ ମାପଚୁପ ଆରମ୍ଭ କରିଥିଲେ । ଷ୍ଟାଡିୟମ ସଂକୁଚିତ ହେବା ଜାଣିପାରି ସ୍ଥାନୀୟ ଗ୍ରାମବାସୀମାନେ ଆଜି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଗ୍ରାମର ଅନ୍ୟତ୍ର ସରକାରୀ ସ୍ଥାନରେ କରାଯିବାକୁ ଗ୍ରାମମୁଖ୍ୟ ସିତାଂଶୁ ସେନାପତି, ସୁଦାମ ଚରଣ ପାତ୍ର, ରିଆଜ୍ ଖାଁ, ଶାନ୍ତନୁ ପଟ୍ଟନାୟକ, ଅରୁଣ ବେଜଙ୍କ ସହିତ ବହୁ ଗ୍ରାମବାସୀ ଓ ନବଜ୍ୟୋତି କ୍ଲବର ସଦସ୍ୟମାନେ ଦାବି କରିଛନ୍ତି । କାମ ବନ୍ଦ ନ ହେଲେ ଆସନ୍ତା ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେମାନେ ପ୍ରଶାସନକୁ ଜଣାଇଛନ୍ତି ।

## ମହାବିଷୁବ ସଂକ୍ରାନ୍ତିରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୦୪ (ନି.ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଚଳିତ ବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।

# ବାଲିମେଳାରେ ଝିଅକୁ କମେଣ୍ଟ ମରାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ : ୫ ଗୁରୁତର

ଜଳେଶ୍ୱର, ୧୪/୪ (ନି.ପ୍ର): ଆଜି ବିଶୁବ ସଂକ୍ରାନ୍ତି ପାଳନ ହେଉଥିବାରୁ ବହୁ ଶ୍ରଦ୍ଧାଳୁ ସୁବର୍ଣ୍ଣରେଖା ନଦୀକୂଳରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଥାନ୍ତି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୁଅଁରପୁର ଗ୍ରାମ ନିକଟ ନଦିର ଓପର ପଟ ପଶ୍ଚିମବଂଗର ବାରାସାଥି ଗ୍ରାମନିକଟ ନଦିକୂଳରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଠାରେ ଉଭୟ ଓଡିଶା ଓ ପଶ୍ଚିମବଂଗର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ହୋଇଥିବାରୁ ସେଠାରେ ଭିଡ ଜମିଥିଲା । ଓଡିଶାର ରାଇବଣିଆ, ଓଲମରା, ମାକିଡିଆ, ଖୁଦିଆମାଝିସାହି, କାଳିକ, ଖୁଆଡ ଇତ୍ୟାଦି ପଂଚାୟତର ଶ୍ରଦ୍ଧାଳୁ ମାନେ ସେଠାକୁ ଯାଇଥିବା ବେଳେ ପଶ୍ଚିମବଂଗର ଦାନ୍ତୁନ ଥାନା ଅନ୍ତର୍ଗତ ଗରତପୁର, ପାଣିତୁଣିଆ, ବାଉଁଶବଣି, ଘୋଳେଇମୁଡ ପ୍ରଭୃତି ଅଂଚଳର ଲୋକମାନେ ମେଳା ଦେଖିବାକୁ ଆସିଥାନ୍ତି । ଓଡିଶା କେତେକ ଝିଅମାନେ ଅଭିଭାବକଙ୍କ ସହିତ ନଦୀରେ ବୁଡ ପକାଇବା ବେଳେ ପଶ୍ଚିମବଂଗର କେତେକ ଯୁବକ କମେଣ୍ଡ ମାରିଥିଲେ । ଫଳରେ ଉଭୟ ଗୋଷ୍ଠି ମଧ୍ୟରେ ଯୁକ୍ତି ତର୍କ ଓ ପରେ ମାରିପିଟ ହୋଇଥିଲା । ଫଳରେ ଓଡିଶାର କୁଅଁରପୁର ଗାଁର ରାଧାକାନ୍ତ ଘୋଷ, କୃଷ୍ଣକାନ୍ତ ଘୋଷ, ରାଧାରାଣୀ ଘୋଷ, ସିଦ୍ଧେଶ୍ୱର ଘୋଷ, ସଂଜୟ ଘୋଷ, ଆଲୋକ କୁଇଲା ପ୍ରମୁଖ ବହୁ ଯୁବକ ଆହତ ହୋଇଛନ୍ତି । ଦାନ୍ତୁନ ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କୁଆଁରପୁର ଗାଁର ଦାରାସିଂ ଚୌହାନ ନାମକ ଯୁବକକୁ ଉଠେଇ ନେଇ ପରେ ଛାଡି ଦେଇଥିଲେ । ଏହି ଘଟଣା ପ୍ରସାରିତ ହେବାପରେ ସେଠାରେ ଚାପା ଉତ୍ତେଜନା ଲାଗି ରହିବା ସହିତ ଛକାପଞ୍ଝା ଲାଗି ରହିଛି । ସୂଚନାଯୋଗ୍ୟ ମାକିଡିଆ ଠାରେ ନଦିର ଅସ୍ଥାୟୀ ରାସ୍ତା ଦେଇ ଓଡିଶା ଲୋକମାନେ ପଶ୍ଚିମବଂଗର ଦାନ୍ତୁନ ବଜାରକୁ ପ୍ରତିଦିନ ଯିବାଆସିବା କରୁଥିବାରୁ ସେଠାରେ ବିସ୍ଫୋରଣ ପରିସ୍ଥିତି ଘଟିବାର ସମ୍ଭାବନା ରହିଛି । ପୂର୍ବରୁ ବାଲି ଉତ୍ତୋଳନକୁ କେନ୍ଦ୍ର କରି ସୀମା ବିବାଦ ଲାଗି ରହିଥିବାରୁ ଗଣ୍ଡଗୋଳ ଲାଗି ରହିଥିଲା । ତେଣୁ ପରିସ୍ଥିତିକୁ ଏଡାଇବାଲାଗି ସେଠାରେ ପୁଲିସ୍ ମୁତୟନ କରାଯିବାକୁ ସାଧାରଣରେ ଦାବି କରାଯାଇଛି ।

ବାଲେଶ୍ୱର, ଶୁକ୍ରବାର, ୧୫ ଅପ୍ରେଲ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ବିଶାଳ ବାଇକ ଶୋଭାଯାତ୍ରା

କଟକ/ଭୁବନେଶ୍ୱର, ୧୪/୦୪ (ନି.ପ୍ର): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଜାଗରଣ ମଂଚ ତରଫରୁ ବିଶାଳ ବାଇକ ଶୋଭାଯାତ୍ରା କଟକ ମହାନଗରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ବାଇକରେ ଯୁବକମାନେ ଦିନ ୧୧ ଘଟିକାରୁ ବାହାରି ଶୋଭାଯାତ୍ରାରେ କଟକ ସହର ପରିକ୍ରମା କରିଥିଲେ । ସଭିଙ୍କ ହାତରେ ଥିଲା ଗୈରୀକ ପତାକା ଏବଂ ମୁଖରେ ଥିଲା 'ଜୟ ଶ୍ରୀରାମ ଧ୍ୱନୀ' । ଏହି ବାଇକ ଶୋଭାଯାତ୍ରା ଷ୍ଟାଡିୟମ ପଡିଆ, ଚଣ୍ଡିଛକ, ବକ୍ସିବଜାର, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଯୋବ୍ରା, ନୂଆ ବଜାର, ଓଏମ୍‌ପି ଛକ, ପ୍ରେସ ଛକ ଦେଇ ଖାନ୍ ନଗର ପଂଚମୁଖି ମନ୍ଦିର ନିକଟରେ ପହଁଚିଥିଲା । ଏଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପୂର୍ବ କ୍ଷେତ୍ରର ଧର୍ମ ଜାଗରଣ ସମନ୍ୱୟ ପ୍ରମୁଖ ବିନୟ କୁମାର ଭୂୟା ଯୋଗଦାନ କରି ପଣା ସକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସେ କହିଛନ୍ତି, ଶ୍ରୀ ହନୁମାନ ଯେପରି ଭଗବାନ ଶ୍ରୀରାମଙ୍କ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ସେହିପରି ବର୍ତ୍ତମାନର ଯୁବସମାଜ ରାଷ୍ଟ୍ରକାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି । ସୀତାମାତାଙ୍କୁ ନାରୀ ଜାତିର ଆଦର୍ଶ ମନେକରୁଥିବା ଆଜିର ଯୁବସମାଜ ଆଗରେ ଲଭ ଜାହାଦ୍, ଅପହରଣ, ବଳାତ୍କାର ତଥା ଧର୍ମାନ୍ତରଣ ଭଳି ସମ୍ବେଦନଶୀଳ ଘଟଣା ଦୈନନ୍ଦିନ ଘଟି ଚାଲିଛି । ଗୋ-ମାତାଙ୍କ ଅବାଧ ହତ୍ୟା ଭାରତୀୟ ମାତୃସମାଜ ପାଇଁ ଘୋର ଅପମାନ । ଏହାର ସମାଧାନ ପାଇଁ ଆଜିର ଯୁବସମାଜ ଅଣ୍ଟାଭିଡ଼ିଛି । ଉକ୍ତ ସଭାରେ ହିନ୍ଦୁ ଜାଗରଣ ମଂଚର ପ୍ରଦେଶ ସଂଗଠନ ସଂପାଦକ ତନ୍ମୟ ଦାଶ ତାଙ୍କ ମାର୍ଗଦର୍ଶନରେ କହିଲେ ପ୍ରଭୁ ଜଗନ୍ନାଥ ଓଡ଼ିଶାର ପରିଚୟ । ଜଗନ୍ନାଥ ସଂସ୍କୃତି ପ୍ରତ୍ୟକ ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ତଥା ସ୍ୱାଭିମାନର ପ୍ରତୀକ । ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ନାମରେ ଓଡ଼ିଶା ସରକାର ବିଗତ ଦିନରେ ଶ୍ରୀମନ୍ଦିରର ପୁରାତନ ଐତିହ୍ୟକୁ ଧ୍ୱଂସ କରିଚାଲିଛନ୍ତି । ସେଥିପାଇଁ ହିନ୍ଦୁଜାଗରଣ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନ ପଣାସଂକ୍ରାନ୍ତି ଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ଦିଦି ନମସ୍କାର'ର ଅଡିଓ ଲୋକାର୍ପିତ



ଭୁବନେଶ୍ୱର, ୧୪/୦୪ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଏକ ତାରକା ହୋଟେଲରେ ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ଦିଦି ନମସ୍କାର' ର ଅଡିଓ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବରେ ଚଳଚ୍ଚିତ୍ରର ପ୍ରଯୋଜକ ଅଜୟ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ (ବାପି), କାହାଣୀ ଓ ସଂଳାପକାର ଡ. ରଜନୀ ରଞ୍ଜନ ଉପସ୍ଥିତ ଥିଲେ । ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନେତ୍ରୀ ଶୀତଳ ପାତ୍ର, ନବାଗତ ଶାଶ୍ୱତ, ପିଣ୍ଟୁ ନନ୍ଦ, ପ୍ରିୟଙ୍କା ମହାପାତ୍ର, ସୋମା ଭୌମିକ ପ୍ରମୁଖ ଅଭିନୟ କରିଛନ୍ତି । 'ଦିଦି ନମସ୍କାର'ର ଟାଇଟଲ ଓ ପ୍ରଥମ ଶ୍ରେଣୀ ଗୀତକୁ ସତ୍ୟଜିତ ଓ ଅସୀମା ପଣ୍ଡା ଗାଇଥିବା ବେଳେ, ମନ୍ ହନସିନୀ ଗୀତକୁ କୁଳଦୀପ ଓ ଅନ୍ତରା ଚକ୍ରବର୍ତ୍ତୀ ଗାଇଛନ୍ତି । ସମସ୍ତ ଗୀତକୁ ଗୀତିକାର ଡ. ନିର୍ମଳ ନାୟକ ଲେଖିଛନ୍ତି । ସହଯୋଗୀ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ସ୍ୱସ୍ତିକ । ଚଳଚ୍ଚିତ୍ରଟି ଜୀ ସାର୍ଥକ ଚ୍ୟାନେଲରେ ଏପ୍ରିଲ ୧୭ ତାରିଖ ସଂଧ୍ୟା ୬.୩୦ ମିନିଟରେ ପ୍ରସାରିତ ହେବ ବୋଲି ଜଣାପଡିଛି ।

# ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ପ୍ରଣବ ପଟ୍ଟନାୟକଙ୍କୁ 'ସଙ୍ଗୀତ ସୁଧାନିଧି' ଉପାଧି ପ୍ରଦାନ



ବାଲେଶ୍ୱର, ୧୪/୪: ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଗୁରୁବାର ଅପରାହ୍ଣରେ ଶାନ୍ତିକାନନଠାରେ ଅନୁଷ୍ଠିତ ବିଷୁବ ମିଳନ ଅବକାଶରେ ଓଡ଼ିଶାର ବରିଷ୍ଠ ସଙ୍ଗୀତ ସାଧକଙ୍କ ଉପସ୍ଥିତିରେ ଏକ ସଙ୍ଗୀତାତ୍ମକ ପରିବେଶ ସୃଷ୍ଟି ହୋଇଥିଲା । "ମାଝୀରେ.. ଶେଷ ଶ୍ରାବଣ ପୂରୁବା ପବନ ବୋହି ଯାଏରେ.." ସଙ୍ଗୀତର ତାଳେ ତାଳେ ଗୁରୁ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶନାରେ 'ନୃତ୍ୟାୟନ'ର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ । ଫକୀରମୋହନଙ୍କ ରଚିତ ଭାଷାବନ୍ଦନା ଗାନ କରାଯିବା ପରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, ମମତା ଦାସ ଓ ଶାନ୍ତିଲତା ବିଶି ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତର ସୁରେ ସୁରେ ବାଲେଶ୍ୱରର ସଙ୍ଗୀତ ଗାୟକମାନେ ସଙ୍ଗୀତ ପ୍ରସ୍ତୁତ କରିଥିଲେ । ବସନ୍ତ କୁମାର ଦାସ 'କେଉଁ ନାମ ଧରି ଡାକିବି ତୁମକୁ', ସୁଜିତ କୁମାର ଭୋଇ 'ମା ତୁମେ ଜଗତର', ସନ୍ଦୀପ ଆଚାର୍ଯ୍ୟ 'ସୀମାହୀନ ଦରିଆ', ଶ୍ୱେତାଲିସା ପ୍ରିୟଦର୍ଶିନୀ 'ଏ ଜୀବନ ବାଲିଘର', ଗୀତାଶ୍ରୀ ଜେନା 'ପାହାଡ଼ ସେପାଖେ', ସୌରଭ ଭରଦ୍ୱାଜ 'ଏମିତି ରାତି', ଆକାଶ ପଣ୍ଡା ' ନ କର ନ କର ମନ' ଗୀତ ପରିବେଷଣ କରିଥିଲେ । ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ଓ ଉପାଧି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା ଉପାୟନ ଓ ମାନପତ୍ର ପ୍ରଦାନ କରି ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ସାଧକ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ପରିଷଦ ତରଫରୁ 'ସଙ୍ଗୀତ ସୁଧାନିଧି' ଉପାଧି ମଧ ପ୍ରଦାନ କରାଯାଇଥିଲା । ପ୍ରକାଶ ଥାଉ କି ପରିଷଦ ତରଫରୁ ୭୨ବର୍ଷ ପୂର୍ବରୁ ସଙ୍ଗୀତ ସାଧକ ବାଳକୃଷ୍ଣ ଦାସଙ୍କୁ ମଧ 'ସଙ୍ଗୀତ ସୁଧାକର' ଉପାଧି ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ତରରେ ଶ୍ରୀଯୁକ୍ତ ପଟ୍ଟନାୟକ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରି ଭବିଷ୍ୟତ ପିଢ଼ି ସଂସ୍କୃତିଭାବସଂପନ୍ନ ସଙ୍ଗୀତ ପରିବେଷଣରେ ମନ ଦେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ପ୍ରଫେସର କିଶୋର କୁମାର ବାସା ଏବଂ ସମ୍ମାନିତ ଅତିଥି ତଥା ବାଲେଶ୍ୱର ପୌରପାଳିକାର ଅଧକ୍ଷା ଶ୍ରୀମତୀ ସବିତା ସାହୁଙ୍କୁ ମଧ ଉପାୟନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପୂର୍ବତନ ଶିକ୍ଷାଧିକାରୀ ନିର୍ମଳା ମହାନ୍ତି, ବରିଷ୍ଠ କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର, ଶିକ୍ଷାବିତ୍ ପୀତାମ୍ବର ପ୍ରଧାନ, ଆଇନଜୀବୀ ଶମ୍ଭୁନାଥ ମହାନ୍ତି, କବି ଓ ସମାଜସେବୀ ସନ୍ତୋଷ କୁମାର ଦାସ ତଥା ହାସ୍ୟାଭିନେତା ମନୋରଂଜନ ଦାସଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉପସଭାପତି ପ୍ରଦୀପ ଚାଟାର୍ଜୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ଡ. ଶିରୀଶ ଚନ୍ଦ୍ର ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ଯୁଗ୍ମସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ମିଶନ ସ୍ମାଇଲ'ପକ୍ଷରୁ ମହାବିଷୁବ ସଂକ୍ରାନ୍ତି



ବାଲେଶ୍ୱର,୧୪/୦୪ (ନି.ପ୍ର): ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ପାଳନ ଅବସରରେ ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ମିଶନ ସ୍ମାଇଲ' ପକ୍ଷରୁ ସହରର ପୁଲିସ ଲାଇନ ଛକରେ ଏକ ପଣା ବଣ୍ଟନ କରାଯାଇଛି । ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ଯାଦବେଶ ମିଶ୍ର, ଯୁବ ସଂଗଠନ ବିକ୍ରମ ପଣ୍ଡା, ଭାଗବତ ସାହୁ, ଅସିତ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଜନସାଧାରଣଙ୍କୁ ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଶୁଭେଚ୍ଛା ଜଣାଇଥିଲେ । ଓଡ଼ିଆ ନବ ବର୍ଷ ପ୍ରତ୍ୟେକ ଓଡିଆଙ୍କ ନିମନ୍ତେ ମହତ୍ୱ ରଖୁଥିବା ବେଳେ କୋଭିଡ କଟକଣା ହଟି ଯାଇଥିବାରୁ ଚଳିତ ବର୍ଷ ଏହି ପର୍ବ ବେଶ ଖୁସି ଆଣି ଦେଇଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ସଂଗଠନର ମୁଖ୍ୟ ସତ୍ୟେନ୍ଦ୍ର ଦାସଙ୍କ ନେତୃତ୍ୱରେ ଆୟୋଜତି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସବିତା ମହାନ୍ତି, ଅନିମା ବାରିକ, ଅମିତା ଚାନ୍ଦ, ପ୍ରୀତି ନନ୍ଦ, ସଂଯୁକ୍ତା ବେହେରା, ବୁଲୁ ଦାସ, ଭାରତୀ ମଲିକ, ପ୍ରଭାତ କୁମାର ବାରିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଉଲ୍ଲେଖନୀୟ ହୋମିଓପାଥିକ ଚିକିତ୍ସା ପାଇଁ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୪/୪ (ନି.ପ୍ର): ଡାକ୍ତର ହ୍ୟାନିମେନଙ୍କ ୧୭୯ତମ ଜୟନ୍ତୀ ଅବସରରେ ଓଡ଼ିଶା ହୋମିଓପାଥିକ ଆସୋସିଏସନର ୭ମ ବାର୍ଷିକ ଉତ୍ସବ କଟକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ଉଲେଖନୀୟ ଅବଦାନ ୧୪ଜଣ ବରିଷ୍ଠ ଚିକିତ୍ସକଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବାଲେଶ୍ୱରର ଡାକ୍ତର ପରେଶ ଚନ୍ଦ୍ର ସିଂ ଓ ମହେଶ୍ୱର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏନେଇ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ କର୍ମକର୍ତ୍ତାଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି । ଏହି ସମ୍ବର୍ଦ୍ଧନା ଆଗାମୀ ଦିନରେ ସେବା ମନୋବୃତ୍ତିକୁ ଆହୁରି ସୁଦୃଢ଼ କରିବ ବୋଲି ଉଭୟ ମତ ଦେଇଛନ୍ତି ।

# ନୂତନ ସ୍କୁଲଗୃହର ଶିଳାନ୍ୟାସ କଲେ ପର୍ଯ୍ୟଟନ ମନ୍ତ୍ରୀ



ଖଇରା, ୧୪/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ଗ୍ରାମ ପଞ୍ଚାୟତ ଅଧୀନ ତିଳଦା ସ୍ଥିତ ନନ୍ଦ କିଶୋର ଉଚ୍ଚ ବିଦ୍ୟାଳୟ ର ନୂତନ ଶ୍ରେଣୀଗୃହ ର ଭିତ୍ତିପ୍ରସ୍ତର ସ୍ଥାପନ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି । ଏହି ଗୃହପାଇଁ ୫ଲକ୍ଷ ପ୍ରଦାନ କରାଯାଇଛି ଏବଂ କାର୍ଯ୍ୟ ସରିବା ପରେ ଅଧିକ ଅର୍ଥ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଧିରାମ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାଣିଗ୍ରାହୀଙ୍କ ସମେତ ବିଡିଓ ପର୍ଶୁରାମ ପଣ୍ଡା,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ମାନସ କୁମାର ଦାଶ,ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା,ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ଜିଲ୍ଲା ସଦର ମହକୁମା ବାରିପଦାରେ ବାବା ସାହେବ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଜୟନ୍ତି ପାଳିତ



ବାରିପଦା, ୧୪/୪ (ନି.ପ୍ର): ଭାରତର ସମ୍ବିଧାନ ପ୍ରଣେତା ତଥା ମହାନ ରାଷ୍ଟ୍ରନୀତିଜ୍ଞ ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକର ଙ୍କ ୧୩୨ ତମ ଜୟନ୍ତି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ପୌରପରିଷଦ, ବାରିପଦା ମିଳିତ ଆନୁକୂଲ୍ୟରେ ବାରିପଦାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ୮ ଘଟିକା ସମୟରେ ବାରିପଦା ପୌରପାଳିକା ୱାର୍ଡ ୧୫ ପୂର୍ଣ୍ଣଚନ୍ଦ୍ରପୁର ଠାରେ ଅବସ୍ଥାପିତ ବାବା ସାହେବ ଡଃ. ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତି ସ୍ଥଳରେ ଆୟୋଜିତ ସାମୁହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ୍ ଭରଦ୍ୱାଜ୍, ଭା.ପ୍ର.ସେ., ମୋରଡା ବିଧାୟକ ରାଜ କିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଏସ୍‌ଡିସି ଦେବାଶିଷ ମାର୍ଣ୍ଡି, କାଉନସିଲର ନିରୂପମା ମହାନ୍ତି, ଆମ୍ବେଦକର ସମିତିର ସଭାପତି / ସଂପାଦକ, ତ୍ରିରଙ୍ଗା କ୍ଲବର ସଭାପତି ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ସେଚ୍ଛା ସେବୀ ସଂଗଠନର କର୍ମକର୍ତା, ପୂର୍ଣ୍ଣଚନ୍ଦ୍ରପୁର ଉ.ପ୍ରା. ବିଦ୍ୟାଳୟର ବିଦ୍ୟାଥି, ଶିକ୍ଷକ / ଶିକ୍ଷୟତ୍ରୀ ଓ ସରକାରୀ ବିଭାଗ ପଦାଧିକାରୀ, ଗଣମାଧମର ପ୍ରତିନିଧି ମାନେ ଯୋଗ ଦେଇ ଡ. ଆମ୍ବେଦକର ଙ୍କ ପ୍ରତିମୂର୍ତିରେ ମାଲ୍ୟାପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସୋନପୁର ଦେଶର ସବୁଠୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୧୪/୦୪ (ନି.ପ୍ର): ଆଜି ସୋନପୁରରେ ସର୍ବାଧିକ ତାପମାତ୍ରା ୪୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ଏହା ସହିତ ସୋନପୁର ଦେଶର ସବୁଠାରୁ ଉତପ୍ତ ସହର ପାଲଟିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ସୋନପୁର ସମେତ ମୋଟ ୧୬ଟି ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ବା ଏହା ଉପରେ ରେକର୍ଡ କରାଯାଇଛି । ବଲାଙ୍ଗିରର ତାପମାତ୍ରା ୪୨.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବାରିପଦାରେ ୪୨.୫, ଝାରସୁଗୁଡ଼ାରେ ୪୨.୨, ବୌଦ୍ଧରେ ୪୨, ତାଳଚେରରେ ୪୧.୮, ଅନୁଗୋଳରେ ୪୧.୭, ସୁନ୍ଦରଗଡ଼ରେ ୪୧.୫ରେ, ଟିଟିଲାଗଡ଼ରେ ୪୧.୫, ପାରଳାଖେମୁଣ୍ଡିରେ ୪୧, ସମ୍ବଲପୁରରେ ୪୦.୮, ଭବାନୀପାଟଣାରେ ୪୦.୫, ନୟାଗଡ଼ରେ ୪୦.୫, ଛତ୍ରପୁରରେ ୪୦, ବାଲେଶ୍ୱରରେ ୪୦ ଓ ମାଲକାନଗିରିରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି । କଟକରେ ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୩୭.୭, ଚାନ୍ଦବାଲିରେ ୩୮.୭, କେନ୍ଦୁଝରଗଡ଼ରେ ୩୬.୨, ହୀରାକୁଦରେ ୩୯.୯, ଫୁଲବାଣୀରେ ୩୯.୨, ରାୟଗଡ଼ାରା ୩୯.୧ ଓ ଭଦ୍ରକରେ ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ୪୪ ଡିଗ୍ରୀ ସେଲ୍‌ସିୟସ ସହିତ ଝାରସୁଗୁଡ଼ା ଦେଶର ଉତପ୍ତ ସହର ହୋଇଥିଲା ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଜଳେଶ୍ୱର, ୧୪/୪ (ନି.ପ୍ର): ଜଳେଶ୍ୱରସ୍ଥିତ ଖୁଲୁଡା ଗ୍ରାମରେ ଥିବା ଶୀତଳା ଠାକୁରାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇ ଯାଇଛି । କଲେଜ ଅଧ୍ୟକ୍ଷ ଅଂଜନ କୁମାର ପାଲ ଉଦ୍‌ଘାଟନ କରି ଛାତ୍ରୀ ପ୍ରଶିକ୍ଷଣର ଲକ୍ଷ୍ୟ, ଲଦ୍ଦେଶ୍ୟ ଓ ଆବଶ୍ୟକତା ସଂପର୍କରେ ଅବଗତ କରାଇଥିଲେ । କଲେଜର ୭୭ଜଣ ଛାତ୍ରୀ ଏହି ଶିବିରରେ ଯୋଗ ଦେଇଥିଲେ । ମାଷ୍ଟ ଟ୍ରେନ୍‌ର ଦିବ୍ୟଦିଶା ଘଡେଇ ଛାତ୍ରୀମାନଙ୍କୁ ୮ଦିନ ପ୍ରଶିକ୍ଷଣ ଦେଇଥିଲେ । ଅଧ୍ୟାପକ ଯତୀନ ମିଶ୍ର ପରିଚାଳନା କରିଥିଲେ । ଅଧ୍ୟାପକ ଶୈଳେଶ ପଟ୍ଟନାୟକ, ଅକ୍ଷୟ ମିଶ୍ର, ହରେନ୍ଦ୍ର ସିଂ, ଦୁର୍ଗେଶ ନାୟକ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ପ୍ରତିହତ କରିବା ଲାଗି ଏପରି ପ୍ରଶିକ୍ଷଣ ଆବଶ୍ୟକ ବୋଲି କହିଥିଲେ । ସୁବ୍ରତ ଦେ, ରବିନ୍ଦ୍ର ଦେ, ଚୈତନ୍ୟ ଗିରି, ଉଦୟ ମହାନ୍ତି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ତୃତୀୟ ଜିଲ୍ଲା ପରିଷଦର ବୈଠକ ଅନୁଷ୍ଠିତ




ବାରିପଦା, ୧୪/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପରିଷଦର ତୃତୀୟ ବୈଠକ ମୁର୍ଗାବାଡି ସ୍ଥିତ ବାରିପଦା "ପ୍ରୟାସ" ସମ୍ମିଳନୀ କକ୍ଷରେ ତା.୧୩.୦୪.୨୦୨୨ ରିଖରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟସଭା ସାଂସଦ ମୟୂରଭଞ୍ଜ ଶ୍ରୀମତୀ ମମତା ମହାନ୍ତ, ମୋରଡା ବିଧାୟକ ରାଜକିଶୋର ଦାସ, ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା.ବୁଦ୍ଧାନ ମୁର୍ମୁ, କରଂଜିଆ ବିଧାୟୀକା ବାସନ୍ତୀ ହେମ୍ବ୍ରମ୍, ଜିଲ୍ଲାପରିଷଦ ଉପାଧକ୍ଷ ଶ୍ରୀ ବୀପିନ୍‌ସିଂ ବଦ୍ରା, ଜିଲ୍ଲାପାଳ ବିନୀତ୍ ଭରଦ୍ୱାଜ୍, ଭାପ୍ରସେ, ପିଡିଡିଆରଡିଏ ପି ଅନ୍ୱେଷା ରେଡ୍ଡୀ, ଭାପ୍ରସେ, ଡିଆରଡିଏ, ଏପିଡି, ପ୍ରିୟବ୍ରତ ପଟ୍ଟନାୟକ ପ୍ରମୁଖ ସମେତ ଜିଲ୍ଲାପରିଷଦ ସଦସ୍ୟ / ସଦସ୍ୟା, ପଂଚାୟତ ସମିତି ଅଧକ୍ଷ / ଅଧକ୍ଷା ଏବଂ ବିଭିନ୍ନ ବିଭାଗ ଜିଲ୍ଲା ସ୍ତରୀୟ ପଦାଧିକାରୀ ମାନେ ଯୋଗ ଦେଇ ଜିଲ୍ଲା ପରିଷଦ ଅଧିନସ୍ଥ ବିଭିନ୍ନ ବିଭାଗ ଯୋଜନାରେ ଜିଲ୍ଲାର ସାମଗ୍ରିକ ଭିତିଭୂମି ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ସଂପର୍କିତ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରି ମତପୋଷଣ କରିଥିଲେ । ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ସମସ୍ତଙ୍କୁ ସ୍ୱାଗତ ଜଣାଇ ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟସୂଚୀକୁ ଆଗେଇ ନେବା ଦିଗରେ ସହଯୋଗ କାମନା କରିଥିଲେ । ତତ୍‌ପରେ ବୈଠକରେ ଉପସ୍ଥାପିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭାଗ ଅନ୍ତର୍ଗତ ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ଅଗ୍ରଗତିର ସ୍ଥିତି ସଂପର୍କରେ ବିଶଦ ଅଲୋଚନା କରାଯାଇଥିଲା । ଅଲୋଚନାରେ ସଂପୃକ୍ତ ବିଭାଗର ଅଧିକାରୀମାନେ ବିଭାଗୀୟ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଗୁଡିକର ଅଗ୍ରଗତିର ସ୍ଥିତି ଉପରେ ସୂଚାଇବା ସହିତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଏବଂ ପଂଚାୟତ ସମିତିର ଅଧକ୍ଷ, ଅଧକ୍ଷା ମାନଙ୍କ ଦ୍ୱାରା ବୈଠକରେ ଉପସ୍ଥାପିତ ବିଭିନ୍ନ ଆପତି ଅଭିଯୋଗର ଉତର ଦେଇଥିଲେ । ବୈଠକରେ ବିଶେଷ କରି ଜିଲ୍ଲାରେ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକାରୀ କରାଯାଉଥିବା ମେଗା ଜଳ ଯୋଗାଣ ପ୍ରକଳ୍ପ, ପାଇପ ଜଳ ଯୋଗାଣ ପ୍ରକଳ୍ପ ଓ ଆବଶ୍ୟକୀୟ ନଳକୂପ ସ୍ଥାପନ ଆଦି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ଦିଗରେ ବିଶଦ ଆଲୋଚନା ସହ ଗୁରୁତ୍ୱାରୋପ କରାଯାଇଥିଲା । ଏ ଦିଗରେ ନିୟମିତ ଭାବେ ଯୁଦ୍ଧ କାଳିନ ଭିତିରେ ନଳକୂପ ଗୁଡିକ ସଚଳ କରାଇ ଜଳକ୍ଲିଷ୍ଟ ଅଂଚଳରେ ଲୋକଙ୍କୁ ପାନୀୟଜଳ ଯୋଗାଇଦେବା ଦିଗରେ ତୁରିତ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥବା ବେଳେ ଅଭର ହେଡ୍ ପାଣିଟାଙ୍କିରେ ସଚଳ କରାଯିବା ଦିଗରେ ମଧ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜିଲ୍ଲାର ସମସ୍ତ ସିଏଚ୍‌ସି, ପିଏଚ୍‌ସି ମାନଙ୍କରେ ଆନୁସଙ୍ଗିକ ଭିତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚିକିତ୍ସାଳରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ସୁପରିଚାଳନା କରିବା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି କରାଯିବା ଉପରେ କରାଯାଇଥିଲା ।

# ଗୋଟିଏ ଦିନରେ ୧୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୮୮୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୫୮୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୨୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଜଳେଶ୍ୱରରେ ଆମ୍ବେଦକର ଜୟନ୍ତୀ ପାଳିତ



ଜଳେଶ୍ୱର, ୧୪/୪ (ନି.ପ୍ର): ଦେଶର ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତି ଜଳେଶ୍ୱରର ବିଭିନ୍ନ ସ୍ଥାନରେ ପାଳିତ ହୋଇ ଯାଇଛି । ପୌର ପରିଷଦରେ ଥିବା ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆମ୍ବେଦକର ଜୟନ୍ତି ଓ ଉତ୍କଳ ନବବର୍ଷ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ଶିକ୍ଷକ ଆଲୋକ ପ୍ରଧାନ, ମିନା ବେହେରା, ଅଣ ଶିକ୍ଷକ ଅରୁଣ ଦେ, ଗୌରୀ ଶଂକର ପ୍ରଧାନ, ଯଦୁନାଥ ନାୟକ, ଚିନାରାଣୀ ଦେ, ସମାଜସେବୀ ମନୋରଂଜନ ଦାସ, ସାଇକ୍ରିଷ୍ଟ ଦୃଷ୍ଟିହୀନ ଭଜନ ସଂଧ୍ୟାର କଳାକାର ଅବୋଧ ପାତ୍ର, ପବିତ୍ର ପାତ୍ର, ଆଦିତ୍ୟ ସିଂ, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ରହି ଆମ୍ବେଦକରଙ୍କ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ଅଜୟ କୁମାର ମହାନ୍ତି ଧନ୍ରବାଦ ଅର୍ପଣ କରିଥିଲେ । ଅନୁରୂପଭାବେ ଆମ୍ବେଦକର ସମତା ମଂଚ ପକ୍ଷରୁ ବ୍ଲକ ବଜାରଠାରେ ଆବାହକ ଅଶୋକ ଜେନାଙ୍କ ନେତୃତ୍ୱରେ ଆମ୍ବେଦକରଙ୍କ ୧୩୧ତମ ଜନ୍ମ ଜୟନ୍ତି ପାଳନ କରାଯାଇଛି । ଏଥିରେ ସିତାଂଶୁ ସେନାପତି ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମୀର ପାତ୍ର, ଦିଲ୍ଲିପ ଗିରି, ନିରୋଜ ବେହେରା, ସମୀର ଘୋଷ, କାହ୍ନଚରଣ ଦାସ, ପଞ୍ଚାନନ ଦେ, ଜଗନ୍ନାଥ ମୁର୍ମୁ, ଅଜୟ ପଲାଇ, ରବିନ୍ଦ୍ର ଜେନା, ରବିନ୍ଦ୍ର ପାତ୍ର, ଆବାସ ଅଲ୍ଲି ପ୍ରମୁଖ ଉପସ୍ଥିତ ରହି ସମାନତା ଅଧିକାର ସଂପର୍କରେ ବକ୍ତବ୍ୟ ରଖିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo